୬ ଆଇପିଏଲରେ ପ୍ରଥମଥର ହେବ ୩୦୦ ରନ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୫୭ ● ୨୬ ମାର୍ଚ୍ଚ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-57 ● 26th March 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



# ୭ଦିନ ପାଇଁ ୧୨ କଂଗ୍ରେସ ବିଧାୟକ ସସ୍‌ପେଣ୍ଡ

## ପ୍ରତିବାଦ ହଟ୍ଟଗୋଳ ଯୋଗୁ ୧୫ଥର ଗୃହ ମୁଲତବୀ

**ଭୁବନେଶ୍ୱର, ୨୫।୩**
**ନ୍ୟୁଜ୍ ବ୍ୟୁରୋ**

ଦାବି ଉପସ୍ଥାପନ ନାମରେ ଲଗାତାର ଭାବେ ଦୀର୍ଘ ୮ଦିନ ଧରି ନାରାବାଜି ସହ ଘଣ୍ଟ, ତୁରି ବଜାଇବା ଭଳି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଘଟଣା କଂଗ୍ରେସ ବିଧାୟକମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଗୃହ କାର୍ଯ୍ୟରେ ସହଯୋଗ କରିବା ଏବଂ ଗୃହର ମର୍ଯ୍ୟାଦା ରକ୍ଷା କରିବା ପାଇଁ ବାରମ୍ବାର ନିବେଦନ ସତ୍ତ୍ୱେ ଆଚରଣରେ ପରିବର୍ତ୍ତନ ନଆସିବାରୁ ଶେଷରେ ବାଚସ୍ପତି ସୁରମା ପାଢୀ କଠୋର ପଦକ୍ଷେପ ଗ୍ରହଣ ସ୍ୱରୂପ ମଙ୍ଗଳବାର ବିଧାନସଭାରୁ ୧୨ଜଣ କଂଗ୍ରେସ ବିଧାୟକଙ୍କୁ ୭ଟି କାର୍ଯ୍ୟ ଦିବସ ପାଇଁ ନିଲମ୍ବନ କରିଛନ୍ତି। ବାଚସ୍ପତିଙ୍କ ଏହି ନିଲମ୍ବନ ଆଦେଶ ପରେ ମଧ୍ୟ ଗୃହର ମଧ୍ୟ ଭାଗରେ କଂଗ୍ରେସ ବିଧାୟକମାନେ ସେମାନଙ୍କ ପ୍ରତିବାଦ (ପୋଷ୍ଟର ପ୍ରଦର୍ଶନ, ନାରାବାଜି ସହ ଘଣ୍ଟ ମାଡ) ଜାରି ରଖି ଧାରଣାରେ ବସିଥିଲେ। ମଙ୍ଗଳାବର ଦିନତମାମ ଗୃହରେ ବିରୋଧୀଙ୍କ ଏ ପ୍ରକାର ହଟ୍ଟଗୋଳ ଲାଗି ରହିବା କାରଣରୁ ପ୍ରଥମାର୍ଦ୍ଧରେ ୫ଥର ଏବଂ ଦ୍ୱିତୀୟାର୍ଦ୍ଧ ବୈଠକରେ ୧୦ଥର ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା।

ମଙ୍ଗଳବାର ପୂର୍ବାହ୍ନ ଘ.୧୦.୩୦ମିନିଟ୍ ସମୟରେ ଗୃହ କାର୍ଯ୍ୟ ପ୍ରଶ୍ନୋତ୍ତରରୁ ଆରମ୍ଭ ହେବା ମାତ୍ରେ ହଠାତ୍ ବିରୋଧି ଦଳ ଉଭୟ କଂଗ୍ରେସ ଏବଂ ବିଜେଡ଼ିର ବିଧାୟକମାନେ ପୂର୍ବଦିନ ମାନଙ୍କ ପରି ଗୃହ ମଧ୍ୟଭାଗକୁ ପଳାଇ ଆସି ନାରାବାଜୀ, ପୋଷ୍ଟର ପ୍ରଦର୍ଶନ ସାଙ୍ଗକୁ ଘଣ୍ଟ ମାଡ଼ କରିଥିଲେ। ଏଥିଯୋଗୁଁ ବୈଠକକୁ ପାଞ୍ଚଥରରେ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିବାକୁ ପଡ଼ିଥିଲା। ଯାହାଫଳରେ ପ୍ରଥମାର୍ଦ୍ଧ ବୈଠକରେ ପ୍ରଶ୍ନୋତ୍ତର ସମେତ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇପାରି ନଥିଲା। ଦ୍ୱିତୀୟାର୍ଦ୍ଧ ବୈଠକରେ ଗୃହରେ ବିରୋଧିଦଳର ହଟ୍ଟଗୋଳ, ନାରାବାଜୀ ଓ ଘଣ୍ଟ ମାଡ଼ ପାଇଁ ବାଚସ୍ପତି କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲେ। ଗୃହରେ ଶୃଙ୍ଖଳା ଓ ମର୍ଯ୍ୟାଦା ରକ୍ଷା ସହ ଗୃହ କାର୍ଯ୍ୟରେ ଭାଗନେବା ପାଇଁ ବାରମ୍ବାର ନିବେଦନ ସତ୍ତ୍ୱେ ବିରୋଧି କଂଗ୍ରେସ ଦଳର ବିଧାୟକମାନେ ସେମାନଙ୍କ ଜିଦ୍ ଓ ଦାବିରେ ଅଟଳ ରହି ହଟ୍ଟଗୋଳ ଓ ନାରାବାଜୀ ଓ ଘଣ୍ଟ ମାଡ଼ ଅବ୍ୟାହତ ରଖିବାରୁ ବାଚସ୍ପତି ଶ୍ରୀମତୀ ପାଢୀ ଏ ପ୍ରକାର ବିଶୃଙ୍ଖଳିତ ଆଚରଣ ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ଦ୍ୱାରା ଆଗତ ପ୍ରସ୍ତାବ ଉପରେ ଗୃହର ମତ ନେଇ ୧୨ଜଣ କଂଗ୍ରେସ ବିଧାୟକଙ୍କୁ ୭ଟି କାର୍ଯ୍ୟଦିବସ ପାଇଁ ନିଲମ୍ବିତ କରିଥିଲେ। ବାଚସ୍ପତି ନିଲମ୍ବିତ ବିଧାୟକମାନଙ୍କ ନାମ ମଧ୍ୟ ପଢିଥିଲେ, ସେମାନେ ହେଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ସି.ଏସ୍. ରାଜନ ଏକା, ଦାଶରଥି ଗମାଙ୍ଗ, ଅଶୋକ ଦାସ, ସାଗର ଚରଣ ଦାସ, ମଙ୍ଗୁ ଖିଲ, ସୋଫିଆ ଫିରଦୋସ୍, ଆପଲା ସ୍ୱାମୀ କାଡରକା, ନୀଳମାଧବ ହୀକ୍କା, ପବିତ୍ର ସାଉଁଟା, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସତ୍ୟଜିତ୍ ଗମାଙ୍ଗୋ। ବାଚସ୍ପତି ଏହି ବିଧାୟକଙ୍କ *(ପୃଷ୍ଠା ୭ରେ)*

# ପିଚୁ ଗାଡ଼ି-ହାଇୱା ଧକ୍କା: ୩ ମୃତ



**କାମାକ୍ଷାନଗର, ୨୫।୩**
**ନ୍ୟୁଜ୍ ବ୍ୟୁରୋ**

କାମାକ୍ଷାନଗର ଥାନା ଅନ୍ତର୍ଗତ କାମାକ୍ଷାନଗର-ଢେଙ୍କାନାଳ ମୁଖ୍ୟ ରାସ୍ତାର ରେକୁଲା ଗ୍ରାମ ଛକଠାରେ ପୂର୍ତ୍ତବିଭାଗର ରାସ୍ତାରେ ପିଚୁ କାମ ଚାଲୁ ରହିଥିବା ବେଳେ ଏହି ରାସ୍ତା କାମରେ ନିୟୋଜିତ ଠିକା ସଂସ୍ଥାର ପିଚୁ ଗାଡି(ଫେଭର ମେସିନ) ସହିତ ଏକ ହାଇୱା ଗାଡି ଧକ୍କା ହେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏବେ ବି ଜଣେ ଡାକ୍ତରଖାନାରେ ଜୀବନ ମରଣ ସହିତ ସଂଘର୍ଷ କରୁଛନ୍ତି। ମୃତକଙ୍କ ମଧ୍ୟରେ କାମାକ୍ଷାନଗର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ କ୍ଷୀରୋଦ ସାହୁ ରହିଛନ୍ତି। କ୍ଷୀରୋଦ ପିଚୁକାମରେ ପୂର୍ତ୍ତବିଭାଗ ତରଫରୁ ତଦାରଖ କରୁଥିଲେ। କ୍ଷୀରୋଦ ସାହୁଙ୍କ ଅବସ୍ଥା ସଂକଟାପନ୍ନ ରହିଥିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲ ନିଆଯାଇଥିଲା। ମଙ୍ଗଳବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଅନ୍ୟ ଦୁଇଜଣ ମୃତକଙ୍କ ପରିଚୟ ମିଳିପାରି ନଥିବାବେଳେ ଜଣେ ମୟୂରଭଞ୍ଜ ଓ ଅନ୍ୟଜଣେ ପାଲଲହଡା ଅଞ୍ଚଳର ବୋଲି ଜଣାପଡ଼ିଛି।

ରେକୁଲା ଗ୍ରାମରେ ପିଚୁ କାମରେ ନିୟୋଜିତ ଠିକାସଂସ୍ଥାର ଅବହେଳା ଯୋଗୁଁ ଅକାଳରେ ଜୀବନ ଯାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ବିଳମ୍ବିତ ରାତିରେ ବିନା ସୁରକ୍ଷାରେ ନିୟୋଜିତ ଠିକାସଂସ୍ଥା ପିଚୁ କାମ କରିବା ଯୋଗୁଁ ଦୁର୍ଘଟଣା ଘଟିଥିବା ଗ୍ରାମବାସୀ*(ପୃଷ୍ଠା ୭ରେ)*

## ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା



**ଭୁବନେଶ୍ୱର, ୨୫।୩**
**ନ୍ୟୁଜ୍ ବ୍ୟୁରୋ**

କାମାକ୍ଷାନଗର ରେକୁଲା ଗାଁରେ ଦୁର୍ଘଟଣା ଯୋଗୁ ୩ ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ସୂଚନା ଅନୁସାରେ ମଙ୍ଗଳବାର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ରେକୁଲା ଗାଁ ନିକଟରେ ଏକ ପିଚୁ ଗାଡି ସହ ହାଇୱା ଧକ୍କା ହୋଇଥିଲା। ଏଥିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଥିବା ସୂଚନା ମିଳିଛି।

## ବେଜିଂରେ ଭାରତ-ଚୀନ ଆଲୋଚନା



**ନୂଆଦିଲ୍ଲୀ, ୨୫।୩**

ବେଜିଂରେ ଭାରତ ଓ ଚୀନ ମଧ୍ୟରେ ଏକ କୂଟନୈତିକ ଆଲୋଚନା ହୋଇଛି। ଏହି ଆଲୋଚନା 'ସକାରାତ୍ମକ ଏବଂ ଗଠନମୂଳକ' ପରିବେଶରେ ହୋଇଥିଲା ବୋଲି ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି।


ସୂଚନା ଅନୁସାରେ ଭାରତ-ଚୀନ ସୀମା ବ୍ୟାପାର (ଡବ୍ଲୁଏମସିସି) ଉପରେ ପରାମର୍ଶ ଏବଂ ସମନ୍ୱୟ ପାଇଁ କାର୍ଯ୍ୟ ତନ୍ତ୍ରର ୩୩ତମ ବୈଠକ ମଙ୍ଗଳବାର ଚୀନର ରାଜଧାନୀ ବେଜିଂରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିଲେ ଯୁଗ୍ମ ସଚିବ (ପୂର୍ବ ଏସିଆ) ଗୌରାଙ୍ଗଲାଲ ଦାସ ଏବଂ ଚୀନ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିଲେ ଚୀନ ବୈଦେଶିକ ମନ୍ତ୍ରଣାଳୟର ସୀମା ଏବଂ ସମୁଦ୍ର ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ହଂ ଲିଆଙ୍ଗ୍। ଏହି ସମୟରେ, ଭାରତ ଏବଂ ଚୀନ ପରବର୍ତ୍ତୀ ସ୍ୱତନ୍ତ୍ର ପ୍ରତିନିଧି ବୈଠକ ପାଇଁ ପର୍ଯ୍ୟାପ୍ତ ପ୍ରସ୍ତୁତି କରିବାକୁ ସହମତ ହୋଇଥିଲେ। ଏଲଏସିର ପରିସ୍ଥିତିର ଏକ ବ୍ୟାପକ ସମୀକ୍ଷା ମଧ୍ୟ କରିଥିଲେ।

ଭାରତ ଏବଂ ଚୀନ ବେଜିଂରେ ଏକ ନୂତନ କୂଟନୈତିକ ଆଲୋଚନା କରିଥିଲେ। ଯେଉଁଥିରେ ଦୁଇ ଦେଶ ଗତ ସ୍ୱତନ୍ତ୍ର ପ୍ରତିନିଧି ଆଲୋଚନା ସମୟରେ ନିଆଯାଇଥିବା *(ପୃଷ୍ଠା ୭ରେ)*

# ଆଉ ୧୫-୨୦ ବର୍ଷ ବି କାହାର ପାଳି ପଡ଼ିବନି : ଶାହା

**ନୂଆଦିଲ୍ଲୀ, ୨୫।୩**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ରାଜ୍ୟସଭାରେ ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ବିଲ୍-୨୦୨୪ ଉପରେ ଆଲୋଚନାର ଉତ୍ତର ଦେଇଥିଲେ। ସେ କହିଥିଲେ, ଆମକୁ ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡିବ ଯେ ଗତ ୧୦ ବର୍ଷ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ଆମକୁ ଏକ ଜାତୀୟ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଶକ୍ତିରେ ପରିଣତ କରିଛି। ଏହି ବିଲ୍ ଦେଶର ସଫଳତାର କାହାଣୀକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବଜାୟ ରଖିବା ପାଇଁ ଏଠାରେ କେହି ମୋତେ ଭୁଲ ବୁଝିବା ଉଚିତ ନୁହେଁ। ମୁଁ ସରକାରଙ୍କ ସଫଳତାର କାହାଣୀ ବିଷୟରେ କହୁନାହିଁ ବରଂ ଦେଶର ସଫଳତାର କାହାଣୀ ବିଷୟରେ କହୁଛି। ବିତର୍କର ଉତ୍ତର ଦେଇ ସେ ବିରୋଧୀଙ୍କୁ କଟାକ୍ଷ କରି କହିଲେ ଯେ ଆସନ୍ତା ୧୫-୨୦ ବର୍ଷ ପାଇଁ ବି ଅନ୍ୟ କାହାର ପାଳି ଆସିବ ନାହିଁ, ଯାହା କରିବାକୁ ପଡିବ,



ଆମକୁ ତାହା କରିବାକୁ ପଡିବ।

ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, କିଛି ସଦସ୍ୟ ପ୍ରଶ୍ନ ଉଠାଇଥିଲେ ଯେ ସଂଶୋଧନର ଆବଶ୍ୟକତା କ'ଣ? ମୁଁ ସେମାନଙ୍କୁ କହିବାକୁ ଚାହୁଁଛି ଯେ ଯଦି କୌଣସି କୋଠା ଠିକ ସମୟରେ ମରାମତି ନ କରାଯାଏ, ତେବେ ଏହା ଭୁଶୁଡ଼ି ପଡ଼ିଥାଏ। ସେମାନେ ଭାବନ୍ତି ଯେ ହୁଏତ ସେମାନେ ଆସି ଏହାକୁ ବଦଳାଇ ଦେବେ। କିନ୍ତୁ ଆଗାମୀ ୧୫-୨୦ ବର୍ଷ ପାଇଁ କାହାର ପାଳି ଆସିବ ନାହିଁ ଯାହା କରିବାକୁ ପଡିବ, ଆମକୁ ତାହା କରିବାକୁ ପଡିବ। ବିପର୍ଯ୍ୟୟ ପରିଚାଳନା ଆଇନ ପ୍ରଥମେ ୨୦୦୫ ମସିହାରେ ପ୍ରଣୟନ କରାଯାଇଥିଲା। ଏହା ଅଧୀନରେ ଏନଡିଏମଏ, ଏସଡିଏମଏ ଏବଂ ଡିଡିଏମଏ ଗଠନ କରାଯାଇଥିଲା।

# ଲୋକସଭାରେ ଫାଇନାନ୍ସ ବିଲ୍ ୨୦୨୫ ପାରିତ

**ନୂଆଦିଲ୍ଲୀ, ୨୫।୩**

ଲୋକସଭାରେ ଅର୍ଥ ବିଧେୟକ ୨୦୨୫ ପାରିତ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂଶୋଧିତ ଫାଇନାନ୍ସ ବିଲ୍ ୨୦୨୫କୁ ଉପସ୍ଥାପନ କରିଥିଲେ। ଯାହା ପାରିତ ହୋଇଯାଇଛି। ଏହି ସଂଶୋଧନରେ ଅନ୍‌ଲାଇନ ବିଜ୍ଞାପନ ଉପରେ ୬ ପ୍ରତିଶତ ଡିଜିଟାଲ ଟ୍ୟାକ୍ସ ବା ଗୁଗଲ ଟ୍ୟାକ୍ସକୁ ଶେଷ କରିବା ସାମିଲ ରହିଛି। ଏହା ବ୍ୟତୀତ ୩୪ ଅନ୍ୟ ସଂଶୋଧନ ସାମିଲ ରହିଛି। ଏବେ ଏହି ବିଲ୍‌କୁ ରାଜ୍ୟସଭାରେ ଆଗତ କରାଯିବ।

ଯଦି ରାଜ୍ୟସଭାରେ ବି ସଂଶୋଧିତ ବିଲ ୨୦୨୫କୁ ମଞ୍ଜୁରି ମିଳିଯାଏ ତେବେ ଏହି ବିଧେୟକ ପୂରା ହୋଇଯିବ। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ କେନ୍ଦ୍ରୀୟ ବଜେଟରେ ମୋଟ ୫୦.୬୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଅନୁମାନ ରଖାଯାଇଛି, ଯାହା ବର୍ତ୍ତମାନ ଆର୍ଥିକ ବର୍ଷ ତୁଳନାରେ ୭.୪ ପ୍ରତିଶତ ଅଧିକ। ଅର୍ଥମନ୍ତ୍ରୀ ସଂସଦରେ ଏହି ପ୍ରସ୍ତାବକୁ ଉପସ୍ଥାପନ କରି କହିଥିଲେ, 'ମୁଁ ବିଜ୍ଞାପନ ପାଇଁ ୬ ପ୍ରତିଶତ ସମାନତା ଶୁଳ୍କକୁ ରଦ୍ଦ କରିବା ପାଇଁ ପ୍ରସ୍ତାବ ରଖିଛି। ଅନ୍ତରାଷ୍ଟ୍ରୀୟ ଆର୍ଥିକ ସ୍ଥିତିରେ ଅନିଶ୍ଚିତତାକୁ ଦୂର କରିବା ପାଇଁ ଅନ୍‌ଲାଇନ ବିଜ୍ଞାପନ ଉପରେ ସମାନତା ଶୁଳ୍କ ଶେଷ କରାଯିବ'।



ଆଗାମୀ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ପୁଞ୍ଜିଗତ ବ୍ୟୟ ୧୧.୨୨ ଲକ୍ଷ କୋଟି ଟଙ୍କା ସ୍ଥିର କରାଯାଇଛି। ଏଥିରେ ୧୫.୪୮ ଲକ୍ଷ କୋଟି ଟଙ୍କା ପ୍ରଭାବୀ ପୁଞ୍ଜିଗତ ବ୍ୟୟ ସାମିଲ ଅଛି। ବଜେଟରେ ୪୨.୭୦ ଲକ୍ଷ କୋଟି ଟଙ୍କାର ସକଳ ଟ୍ୟାକ୍ସ *(ପୃଷ୍ଠା ୭ରେ)*

# ଦାନ୍ତେୱାଡ଼ାରେ ଏନକାଉଣ୍ଟର ୫ ନକ୍ସଲ ମୃତ

**ମାଲକାନଗିରି, ୨୫।୩**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାରେ ପୁଣି ଏକ ଏନକାଉଣ୍ଟର। ନିରାପତ୍ତା ବାହିନୀ ଗୁଳିରେ ୫ ନକ୍ସଲଙ୍କ ମୃତ୍ୟୁ। ଦାନ୍ତେୱାଡା-ବିଜାପୁର ସୀମାରେ ହୋଇଥିବା ଏନକାଉଣ୍ଟରରେ ଲାଲଦୁର୍ଗ ପ୍ରତି ବଡ଼ ଧରଣର ଧକ୍କା ସୃଷ୍ଟି ହୋଇଛି।

ନକ୍ସଲ ବିରୋଧୀ ଅପରେସନ ବେଳେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ସକାଳ ୮ଟାରୁ ଆରମ୍ଭ ହୋଇଥିଲା ଅପରସେନ। ୫ ନକ୍ସଲଙ୍କ ମୃତଦେହ ଜବତ



କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଗତ ମାର୍ଚ୍ଚ ୨୦ରେ ବିଜାପୁରରେ ହୋଇଥିବା ବଡ଼ ଧରଣର ଏନକାଉଣ୍ଟରରେ ୩୦ ନକ୍ସଲ ନିହତ ହୋଇଥିଲେ। ଘଟଣାରେ ଜଣେ ଡିଷ୍ଟ୍ରିକ୍ଟ ରିଜର୍ଭ ଯବାନ ସହିଦ ହୋଇଥିଲେ।

# ଅପାରଗ ଅଧିକାରୀଙ୍କୁ ଅବସର ପୂର୍ବରୁ ବହିଷ୍କାର କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୫।୩**
**ନ୍ୟୁଜ୍ ବ୍ୟୁରୋ**

ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ଅବସରଗ୍ରହଣ ପୂର୍ବରୁ ସରକାରୀ ସେବାରୁ ବହିଷ୍କାର କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କାର୍ଯ୍ୟରେ ସନ୍ଦେହଜନକ ରହୁଥିବା, ସଚ୍ଚୋଟତା ବା ସାଧୁତାର ଅଭାବ ଥିବା କିମ୍ବା ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କର ପ୍ରକୃତ ଅବସରଗ୍ରହଣ ସମୟ



ପୂର୍ବରୁ ସରକାରୀ ସେବାରୁ ବହିଷ୍କାର କରିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏ ଆଣ୍ଡ ପିଜି) ବିଭାଗର ସର୍କୁଲାରକୁ କଡ଼ାକଡ଼ି ଭାବେ ପାଳନ କରିବାରୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କରେ ରହିଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ମଙ୍ଗଳବାର ସମସ୍ତ ବିଭାଗକୁ ଚିଠି ଜରିଆରେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସରକାରଙ୍କ ସମସ୍ତ ବିଭାଗର ସଚିବମାନଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସେବା କୋଡ୍‌ର ନିୟମ-୭୧( ଧାରା-କ) ଅନୁଯାୟୀ ସରକାରୀ କର୍ମଚାରୀଙ୍କ ଅକାଳ ଅବସର (ପ୍ରି-ମାଚ୍ୟୁର ରିଟାୟରମେଣ୍ଟ) ମାମଲାର ସମାଧାନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଏବଂ ପ୍ରଶାସନିକ ଦକ୍ଷତାକୁ ସୁନିଶ୍ଚିତ କରିବା ନିମନ୍ତେ ଜିଏ ଆଣ୍ଡ ପିଜି ବିଭାଗର ସର୍କୁଲାର ନଂ ୨୭୦୩୭*(ପୃଷ୍ଠା ୭ରେ)*

## ହାତୀ ଓ ବନ୍ୟ ଜନ୍ତୁ ଆକ୍ରମଣରେ ୫ ବର୍ଷରେ ୭୭୯ ଲୋକଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୫।୩ : ନ୍ୟୁଜ୍ ବ୍ୟୁରୋ**

ବିଗତ ୫ବର୍ଷରେ ହାତୀ ଓ ବନ୍ୟ ଜନ୍ତୁ ଆକ୍ରମଣରେ ୭୭୯ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୧୯୬୨ ଜଣ ଆହତ ହୋଇଛନ୍ତି। ଏହି ୫ ବର୍ଷ ମଧ୍ୟରେ ୨୮୩୨ଟି ବାଘ, ହାତୀ ଓ ଅନ୍ୟାନ୍ୟ ଜୀବଜନ୍ତୁ ମୃତ୍ୟୁବରଣ କରିଛନ୍ତି ବୋଲି ଜଙ୍ଗଲ ଓ ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପ୍ରକାଶ କରିଛନ୍ତି। ବିଧାନସଭାରେ ଶାସକ ଦଳ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ମୃତ୍ୟୁ ବରଣ କରିଥିବା ଜୀବଜନ୍ତୁଙ୍କ ମଧ୍ୟରୁ ଶିକାରୀଜନିତ ମୃତ୍ୟୁ ୮୦୬ଟି ରହିଛି। ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୧୪୭ ଲୋକ ମରିଛନ୍ତି।

## ଏକାଳ ପଖାଳ



ନାଟକ ବାଜିରେ ଦିନ କଟିଯାଏ
ଚାଲେ ନାହିଁ ଜମା ସଭା
ଉତ୍ପାତ କରିଣ ଖବରେ ଆସନ୍ତି
ବଢାନ୍ତି ଗୃହରେ ଶୋଭା
ଗୃହ ଯାଙ୍କ ପାଇଁ ଡବା
ବାଡେଇ ଛାଟି ହାତଗୋଡ ନିଇତି
ଭାବନ୍ତି ଅନ୍ୟକୁ ଗବା।

# ଆଇଆରବି ନିଯୁକ୍ତି ମାମଲା: ବୟସ ସୀମା ୩ବର୍ଷ କୋହଳ



**କଟକ, ୨୫।୩**
**ନ୍ୟୁଜ୍ ବ୍ୟୁରୋ**

ଇଣ୍ଡିଆନ ରିଜର୍ଭ ବାଟାଲିଅନ (ଆଇଆରବି) କନେଷ୍ଟବଲ ସିପାହି ନିଯୁକ୍ତି ମାମଲାରେ ଓଡ଼ିଶା ହାଇକୋର୍ଟ ବଡ଼ ରାୟ ଦେଇଛନ୍ତି। ବୟସ ସୀମାକୁ ୩ ବର୍ଷ କୋହଳ ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବୟସ ସୀମା କୋହଳ ନେଇ ସରକାରଙ୍କ ସମ୍ମତି ପରେ କୋର୍ଟ ଏନେଇ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏନେଇ ବୈଠକ ବସିଥିଲା। ବୟସ ୩ ବର୍ଷ କୋହଳ ନେଇ ନିଷ୍ପତ୍ତି ପରେ କୋର୍ଟଙ୍କୁ ଜଣାଇଥିଲେ। ମହାମାରୀ କରୋନା କାରଣରୁ ପ୍ରାୟ ୩ ବର୍ଷ ପର୍ଯ୍ୟନ୍ତ ଆଇଆରବି କନେଷ୍ଟବଲ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା। କରୋନା କାଳ ଅତିକ୍ରମ କଲାପରେ ପ୍ରାୟ ୧୮୦୦ ଆଇଆରବି କନେଷ୍ଟବଲ ସିପାହି ପଦବୀ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହି ସମୟ ଭିତରେ କେତେଜଣ ପ୍ରାର୍ଥୀଙ୍କର ବୟସ ଅତିକ୍ରାନ୍ତ ହୋଇଯାଇଥିଲା।

ତେବେ ବୟସାଧିକ କାରଣରୁ ବାଦ ପଡ଼ିଥିବା କେତେଜଣ ପ୍ରାର୍ଥୀ ଇଣ୍ଟରଭ୍ୟୁ ଦେବା ଲାଗି ଅନୁମତି ଲୋଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। *(ପୃଷ୍ଠା ୭ରେ)*

# ଆଗାମୀ ୫ ଦିନରେ ତାପମାତ୍ରା ବଢିବ

**ଭୁବନେଶ୍ୱର, ୨୫।୩**
**ନ୍ୟୁଜ୍ ବ୍ୟୁରୋ**

କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ତାପମାତ୍ରା ସାଧାରଣ ଥିବା ବେଳେ ଚଳିତ ସପ୍ତାହର ଶେଷ ବେଳକୁ ଏହା ଧୀରେ ଧୀରେ ବଢିବାର ସମ୍ଭାବନା ରହିଛି। ଆସନ୍ତା ୨୯ ତାରିଖ ବେଳକୁ ହିଟ ୱେଭ ଫେରିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏଭଳି ପୂର୍ବାନୁମାନ କରାଯାଇଛି। ଆଗାମୀ ୫ ଦିନରେ ତାପାମାତ୍ରା ଧୀରେ ଧୀରେ ବଢିବ ବୋଲି କୁହାଯାଇଛି।

ପାଣିପାଗ ବିଭାଗ ହିଟ ୱେଭ ପାଇଁ ସତର୍କତା ଜାରି କରିଛି। ତାତି ପୁଣି ବଢିବ



ବୋଲି କହିଛି। ସେପଟେ ଆଗାମୀ ୭ ଦିନ ପାଗ ବିଶେଷ ଶୁଖିଲା ରହିବ ବୋଲି କହିଛି। ଆଗାମୀ ୫ ଦିନ ତାପମାତ୍ରା ଧୀରେ ଧୀରେ ବଢିବାର ସମ୍ଭାବନା ରହିଛି। ବର୍ତ୍ତମାନ ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୨ରୁ ୩ ଡିଗ୍ରୀ କମ ରହିଛି, ଯାହାକି ଆଗାମୀ ୫ ଦିନ ମଧ୍ୟରେ ଧୀରେ *(ପୃଷ୍ଠା ୭ରେ)*

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଚଳିତ ବର୍ଷ ୫୦ ପ୍ରତିଶତ କମ୍ ନିଯୁକ୍ତି ହେବାର ଆଶଙ୍କା

ପାଠପଢ଼ା ଶେଷ କରିବା ପରେ ଚାକିରି ଦୁନିଆରେ ପ୍ରବେଶ କରିବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଏବେ ସବୁଠୁ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ନିଜ ପସନ୍ଦର କମ୍ପାନିରେ ଚାକିରି ଖଣ୍ଡିଏ ପାଇବା ବେଶ୍ କଷ୍ଟକର ମନେ ହେଉଛି। ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡ଼ିଥିବାରୁ ସାଧାରଣ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା କ'ଣ ଥିବ ତାହା ସହଜରେ ଅନୁମାନ କରାଯାଇପାରିବ। ସୂଚନା ପ୍ରଯୁକ୍ତି ଶିଳ୍ପରେ ଚାକିରି ଜୀବନ ଆରମ୍ଭ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଖରାପ ଖବର ହେଉଛି ଯେ ଫ୍ରେସର୍ ନିଯୁକ୍ତିରେ ୫୦ ପ୍ରତିଶତ ହ୍ରାସ ହେବାର ଆଶଙ୍କା ଦେଖାଦେଇଛି। ଗତ କିଛି ବର୍ଷ ହେଲାଣି ଆଇଟିରେ ଫ୍ରେସର୍ ନିଯୁକ୍ତି କମୁଥିଲା। ଚଳିତ ବର୍ଷ ତାହା ଆହୁରି ୫୦ ପ୍ରତିଶତ କମ୍ ହେବାର ଆଶଙ୍କା ରହିଛି। ଟିମ୍ଲିଜ୍ ସର୍ଭିସେସ୍ର ସିଏଫ୍ଓ ରମଣ ଦାଥ୍ କହିଛନ୍ତି ଯେ ଗତବର୍ଷ କ୍ୟାମ୍ପସ୍ରୁ ଫ୍ରେସର୍ ନିଯୁକ୍ତି କମ୍ ଥିଲା। ଚଳିତ ବର୍ଷ ତାହା ଆହୁରି କମିବ। ଦାଥ୍ଙ୍କ ମତରେ ଆଇଟି କମ୍ପାନିଗୁଡ଼ିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ମେସିନ୍ ଲର୍ଣ୍ଣିଂ (ଏମ୍ଏଲ୍) ଉପରେ ସ୍ୱତନ୍ତ୍ର ଦକ୍ଷତା ଥିବା ପିଲା ଖୋଜୁଛନ୍ତି ଯାହା କ୍ୟାମ୍ପସରୁ ମିଳିବା କଷ୍ଟକର ହେଉଛି। ଶିଳ୍ପର ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମରେ ପରିବର୍ତ୍ତନର ଆବଶ୍ୟକତା ରହିଛି। କିଛି ଶିକ୍ଷାନୁଷ୍ଠାନ ଇନଫୋସିସ୍, ଉ୍ୱିପ୍ରୋ ଓ ଟିସିଏସ୍ ଭଳି ଆଇଟି କମ୍ପାନିର ଆବଶ୍ୟକତା ଅନୁସାରେ ନିଜ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିଛନ୍ତି। ଏମିତିରେ ଆଇଟି ଶିଳ୍ପର ନିଯୁକ୍ତି ସ୍ଥିତି ନୈରାଶ୍ୟଜନକ ରହିଛି। ଗତ ୧୫ ମାସ ଭିତରେ ନିଯୁକ୍ତି ଲଗାତାର ଭାବେ କମୁଥିବା ବେଳେ କେବଳ ଫେବ୍ରୁୟାରୀ ଓ ମାର୍ଚ୍ଚରେ କିଛି ନିର୍ଦ୍ଦିଷ୍ଟ କମ୍ପାନିରେ ନିଯୁକ୍ତି ବଢ଼ିଥିଲା। ଅନ୍ୟ ପକ୍ଷରେ, ଆଇଆଇଟି ଛାତ୍ରଛାତ୍ରୀମାନେ କ୍ୟାମ୍ପସ ଚୟନ ବେଳେ ନିଯୁକ୍ତି ପ୍ରସ୍ତାବ ପାଇବାକୁ ସଂଘର୍ଷ କରୁଥିବାର ମଧ୍ୟ ଚର୍ଚ୍ଚା ହେଉଛି। ଗୋଟିଏ ପଟେ ବହୁ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିନଥିବା ବେଳେ ଅନ୍ୟ ପଟେ ଯେଉଁମାନଙ୍କୁ ନିଯୁକ୍ତି ପ୍ରସ୍ତାବ ମିଳିଛି, ସେମାନଙ୍କୁ ଦିଆଯାଇଥିବା ବେତନ ପ୍ରସ୍ତାବ ଏତେ କମ୍ ରହିଛି ଯେ ତାହାକୁ ଗ୍ରହଣ କରିବେ ନା ନାହିଁ ତାହାକୁ ନେଇ ଛାତ୍ରଛାତ୍ରୀମାନେ ଚିନ୍ତାରେ ରହିଛନ୍ତି। ଚଳିତ ବର୍ଷ କିଛି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୩-୪ ଲକ୍ଷ ଟଙ୍କା ଭଳି କମ୍ ବେତନ ପ୍ରସ୍ତାବ ଦିଆଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ
**ଭଗବାନ**
ହେ ପ୍ରଭୁ ଜଗତ ନାଥ
ମୁଁ
ଇଣ୍ଡରୁ ପିଣ୍ଡ ପରିଯନ୍ତେ
ଘୁରୁଛି ମୁହିଁ ଦିବା ରାତ୍ରେ
(୧)
ନାହିଁ ମୋହର ଠାବରାବ
ଭକତ ମୋର ମନ ଭାବ
(୨)
ଦେଖିଲି ସକଳ ଅନ୍ତରେ
ମାୟା ମୋହରେ
ନିରନ୍ତରେ (୩)
ଆକେଶେ ଉଡି ମୁଁ
ବୁଲୁଛି
ଜଳରେ ବୁଡି ମୁଁ ବୁଲୁଛି
(୪)
ସ୍ଥଳରେ ସଦା ଭ୍ରମୁଅଛି
ଅନଳେ ସଦା ସାକ୍ଷୀଅଛି
(୫)
ବାୟୁରେ ସର୍ବଦା ଘୁରୁଛି
ପ୍ରାଣୀର ହୃଦେ ଭ୍ରମୁଅଛି
(୬)
ମୋ ମାୟା ମୋତେ
ଅଗୋଚର
କାହୁଁ ଜାଣିବେ ନର ଛର
(୭)
ଜୀବ ଜଗତ ମାୟା ଘର
ସେ କାହୁଁ ଭଜିବ ଠାକୁର
(୮)
କୀଟରୁ ବ୍ରହ୍ମ ପରିଯନ୍ତେ
ସକଳ ଘଟେ ସଦା
ସ୍ଥିତେ (୯)
ଭକ୍ତର ଭାବେ
ବନ୍ଧାହୋଇ
ଦିନ କାଟୁଛି ସଦା ମୁହିଁ
(୧୦)
ମୁଁ ନିରାକାର ନିରଞ୍ଜନ
ଶୂନ୍ୟରୁ ଶୂନ୍ୟ
ମହାଶୂନ୍ୟ (୧୧)
ଯାହା ଦେଖୁଛୁ ଏ
ନୟନେ
ଏ ସର୍ବ ମୋ ମାୟା
ଭିଆଣେ (୧୨)
ସେ ମାୟା କୂପ ଅତି
ଗରୁ
ଗୁରୁଙ୍କ କୃପା ତହୁଁ କରୁ
(୧୩)

(କ୍ରମଶଃ)

# ଭୁବନେଶ୍ୱରରେ ବସନ୍ତ ଉତ୍ସବ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଏବେ ଆଉ ବସନ୍ତ ଆସୁନାହିଁ। ଶୀତ ପରେ ଆରମ୍ଭ ହୋଇଗଲାଣି ରୌଦ୍ରର ପ୍ରଖରତା। ବସନ୍ତ ଆଗମନକୁ ଚାହିଁ ହତାଶ ହେଲେଣି କବିକୁଳ। କେହି କହୁଛି ତ କୋଇଲିର କୁହୁନାଦ ଆଉ ଶୁଭୁନାହିଁ ତ ଅନ୍ୟ କାହାର ମତରେ ଆମ୍ବ ବଉଳର ବାସ୍ନା ଆଉ ପବନରେ ଭାସି ଆସୁନାହିଁ। ବ୍ୟଥିତ କବିକୁଳର ଭାବନାରେ ଝରି ପଡୁଛି ହତାଶାର ଭାବନା। ଓଡ଼ିଶୀ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଚଳିତବର୍ଷର ବସନ୍ତ ଉତ୍ସବରେ ମଞ୍ଚାସୀନ ଅତିଥିମାନଙ୍କର ଥିଲା ଏହିଭଳି ବକ୍ତବ୍ୟ। ବସନ୍ତ ନ ଆସୁଥିବାରୁ ସେମାନଙ୍କ ବକ୍ତବ୍ୟରେ ଥିଲା ହତାଶର ଭାବ। ନିଜର ସେପରି ମତକୁ ସମବେତ ଶ୍ରୋତାମାନଙ୍କ ବିଚାର ଉପରେ ଛାଡ଼ିଦେଇ ତଳକୁ ଓହ୍ଲାଇ ଆସିଥିଲେ ମଞ୍ଚାସୀନ ବକ୍ତାଗଣ ଜଣକ ପରେ ଜଣେ। ସେମାନଙ୍କ ଶବ୍ଦ ସଂଯୋଜନାରେ ଥିଲା ଚମତ୍କାରିତା। ଶବ୍ଦଗୁଡ଼ିକ କ୍ଲିଷ୍ଟ ହେଲେ ମଧ୍ୟ ଶୁଣିବାରେ ଥିଲା ସେ ସବୁର ଲାଳିତ୍ୟତା। ତେବେ ଏତିକି କହିହୁଏ ଯେ ବହୁ ବସନ୍ତକୁ ଉପଭୋଗ କରିସାରିଥିବା ବକ୍ତାମାନଙ୍କର ଥିଲା ସେହିସବୁ ବକ୍ତବ୍ୟ। ତାହାପରେ ଆରମ୍ଭ ହେଲା ବସନ୍ତ ସମ୍ପର୍କୀୟ କବିତା ଆବୃତ୍ତିର ଉତ୍ସବ। ସେହି ତଥାକଥିତ କେତେଜଣ କବିମାନଙ୍କ ନାମକୁ ଉପସ୍ଥାପକ ଓ ଉପସ୍ଥାପିକା ସେମାନଙ୍କ ନାମ ପଛରେ ସମ୍ଭ୍ରାନ୍ତ ବିଶେଷଣଗୁଡ଼ିଏ ଲଗାଇ ଡାକିଯାଉଥିଲେ ଜଣକ ପରେ ଅନ୍ୟ ଜଣକୁ। ଆଉ ମଞ୍ଚ ଉପରେ ଚାଲିଥାଏ ସେମାନଙ୍କର ସେହିପରି ଉପସ୍ଥାପନା ଓ କବିତାର ଆସର। କିଏ ୭୦ବର୍ଷ ତଳ ବିବାହବେଳେ ଲିଖିତ ବସନ୍ତ କବିତାକୁ ଗାଉଥିଲେ ତ ଆଉ କିଏ ନିଜ ଛାତ୍ର ଜୀବନର। ମଞ୍ଚ ଉପରକୁ ଦୁଇ ପାଖରେ ଦୁଇଜଣ ସହାୟିକାଙ୍କୁ ଧରି ବସନ୍ତ ଗୀତ ବୋଲିବାକୁ ଉଠିଯାଇଥିଲେ ଜଣେ ଅଶିତି ବର୍ଷ ପାର ହୋଇଥିବା ବୃଦ୍ଧ। ମାତ୍ର ଗାଇଥିଲେ ତାଙ୍କର ବିଗତ ଯୌବନର କବିତା। ତାଙ୍କପରେ ଆଖିକୁ ଭଲ ଦିଶୁନଥିବା ଅନ୍ୟ ଜଣେ କବି ପିନ୍ଧିଥିବା ଚଷମାକୁ ବାରଂବାର ପୋଛି ନିଜ ଆଦ୍ୟ ଯୌବନରେ ଉପଭୋଗ କରୁଥିବା ବସନ୍ତର ଗାଥା ଗାଇ ବସିଲେ। ଆଖିରୁ ତାଙ୍କର ଭାବାବେଗରେ ବହିଯାଉଥିଲା ଅଶ୍ରୁର ଧାର। ଏତିକି ବେଳେ ବୀଣାଜିଣା ସ୍ୱରକୁ ଟପି ଭାସି ଆସିଲା ପରିଚିତ କଣ୍ଠଶିଳ୍ପୀ ମହାପାତ୍ର ମିନତୀ ଭଞ୍ଜଙ୍କର ଅପୂର୍ବ କଣ୍ଠ ଲାଳିତ୍ୟ। ସେ ବୋଲୁଥିଲେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରୁ ବସନ୍ତ ସଙ୍ଗୀତ। ମନ୍ତ୍ର ମୁଗ୍ଧ ଭଳି ଶ୍ରୋତାଗଣ ତାହା ଶୁଣିଯାଉଥିଲେ। କାହାରି ମୁହଁରୁ କଥା ବାହାରୁନଥିଲା। ବାଦ୍ୟଯନ୍ତ୍ର ମଧ୍ୟ ସ୍ୱର ସହ ତାଳ ଦେଇ ଠିକ୍ ବାଜି ଉଠୁଥିଲା। ସେହି ସ୍ୱରକୁ ନେଇ ଭାବି ନେଲି ବସନ୍ତର ବାସ୍ତବତାକୁ। ପୁଣି ମଞ୍ଚରୁ ଝରି ଆସିଲା ଅନ୍ୟ କେତୋଟି ପ୍ରାଚୀନ କବିଙ୍କ ବସନ୍ତ ସଙ୍ଗୀତ। ମାତ୍ର ନଥିଲା ସେଥିରେ ମହାପାତ୍ର ମିନତୀ ଭଞ୍ଜଙ୍କ ସ୍ୱରର ମାଦକତା। ରୁକ୍ଷ କଣ୍ଠରେ କବିତା ଆବୃତ୍ତି କରିଥିଲେ କେତେଜଣ। ନଥିଲା ସେଥିରେ ବାଦ୍ୟଯନ୍ତ୍ରର ତାଳ। ଅଶିତିବର୍ଷ ପାଖର କେହିଜଣେ ନିମନ୍ତ୍ରିତ ବ୍ୟକ୍ତି ନିଜର ବସନ୍ତ କବିତା ଆବୃତ୍ତି ପାଇଁ ଧାଇଁ ଆସୁଥିବା ଦେଖାଗଲା। ମଞ୍ଚ ଉପରେ ଠିଆ ହୋଇ ସେ ଯାହା ବୋଲିଲେ ତାହା ଥିଲା କାକନାଦ ସଦୃଶ। ତାହାର ଅର୍ଥ ବି କିଛି ବୁଝିହେଉନଥିଲା। ଅପ୍ରତ୍ୟାଶିତ ଭାବରେ ସେ ନିଜର କବିତା ଉତ୍ଥାପନ କରି ମଞ୍ଚରୁ ଓହ୍ଲାଇ ତାଙ୍କ ବାଟରେ ଫେରି ଚାଲିଲେ। ଶ୍ରୋତାଙ୍କୁ କହିଗଲେ ବହୁ ବ୍ୟସ୍ତତା ଭିତରେ ଥିବାରୁ କେବଳ କର୍ମକର୍ତ୍ତାମାନଙ୍କ ଅନୁରୋଧକୁ ରକ୍ଷା କରି ସେ ଆସିଥିଲେ। ମୋ ପାଖରେ ବସିଥିଲେ ଜଣେ ସୁନ୍ଦରୀ ଶ୍ୟାମାଙ୍ଗୀ। ମହାକବି କାଳିଦାସଙ୍କ ମେଘଦୂତରେ ବର୍ଣ୍ଣିତ ନାରୀ ଉପମାର ସତେ ବା ସେ ଥିଲେ ଜଣେ ନିଖୁଣ ଜୀବନ୍ତ ମୂର୍ତ୍ତି। ତାଙ୍କର ମଧ୍ୟ ଥିଲା ଅପୂର୍ବ ସ୍ୱର ଲାଳିତ୍ୟ। ବହୁଥର ତାଙ୍କ କଣ୍ଠ ସଙ୍ଗୀତ ଆଗରୁ ଶୁଣିଛି। ତାଙ୍କୁ ଡକା ଯାଇନଥିଲା ବୋଲି ସେ ମୋତେ କହିଥିଲେ। ସୁନ୍ଦରୀଟି ନିଜ ଜାଗାରୁ ଉଠି ତଡ଼ିତ୍ ବେଗରେ ଫେରିଯାଉଥିବା କବି ମହୋଦୟଙ୍କୁ ପ୍ରଣାମ ଜଣାଇଲେ। ମୁଁ ତାଙ୍କୁ ପଚାରିଲି ଯେ ସେ କିଏ? ତାଙ୍କଠାରୁ ଯାହା ଉତ୍ତର ମିଳିଲା ସେଥିରେ ମୋତେ ଚୁପ ହୋଇଯିବାକୁ ପଡ଼ିଲା। ଫେରିବାବେଳେ କେବଳ ଠିକ୍ ଯନ୍ତ୍ର ଚାଳିତ ଭଳି ସେ ପାଟି ପାକୁଳି କରିଚାଲିଥିବା ଲକ୍ଷ୍ୟ କଲି। ସମ୍ଭବତଃ ମନକୁ ମନ ଅସରନ୍ତି ବସନ୍ତ ସଙ୍ଗୀତ ଗାଇ ଗାଇ ସେ ଫେରି ଆସୁଥିବା ଭାବିନେଲି। ମାତ୍ର ସେହି ଶ୍ୟାମଳୀ ସୁନ୍ଦରୀଙ୍କଠାରୁ ପରେ ବୁଝିଲି ଯେ ସେପରି ପାଟି ଚାଳନା ତାଙ୍କର ଅଭ୍ୟାସଗତ।

ତେବେ କବି କଳ୍ପନାରେ ବସନ୍ତ ହଜି ଯାଇନାହିଁ। ରାଜଧାନୀର ବିଶାଳ ହର୍ମ୍ୟ ମାଳ ମଧ୍ୟରେ ରହି କେହି କେବେ ବସନ୍ତକୁ କଳନା କରିନପାରେ। ସେମାନଙ୍କ ବ୍ୟସ୍ତ ବହୁଳ କର୍ମମୟ ଜୀବନରେ ବସନ୍ତ କେବେହେଲେ ଆସିପାରେ ନାହିଁ। ତେଣୁ ବସନ୍ତର ସେପରି ଆଗମନକୁ ଅପେକ୍ଷା କରିବା ବୃଥା। କେହି ଜଣେ ମଞ୍ଚାସୀନ ବ୍ୟକ୍ତି ଆବେଗଭରା କଣ୍ଠରେ କହିଲେ ଯେ ଆଗରୁ ତାଙ୍କ ବାଡ଼ିରେ ଥିବା ବେଲ, କେନ୍ଦୁ ଓ ଆମ୍ବଗଛ ତଳେ ବନ୍ଧୁ ଗହଣରେ ବସି ସେ ବସନ୍ତ କଥା ଆଲୋଚନା କରୁଥିଲେ। ଅସରନ୍ତି ବସନ୍ତ କବିତା ସେଠାରେ ବି ଲେଖାଯାଉଥିଲା ଯାହାର ହିସାବ ତାଙ୍କ ପାଖରେ ନାହିଁ। ସେପରି ଦେଖିଲେ ଆଉ ଭରପୂର ଗଛଗହଳ ଭୁବନେଶ୍ୱରରେ ଦେଖିବାକୁ ମିଳୁନାହିଁ କି ବସନ୍ତ କବିତା ଲେଖିବାର ପ୍ରୟାସ କବିର ମନରୁ ପ୍ରାୟଶଃ ଲିଭିଆସିଲାଣି। ଯେଉଁମାନେ ଭୁବନେଶ୍ୱର ସହର ମଧ୍ୟରେ ବୁଲି ବସନ୍ତକୁ ଉପଭୋଗ କରିବା ନିମନ୍ତେ ଚାହିଁଛନ୍ତି ତାହା କେବଳ ମନରେ କ୍ଷୋଭ ଜନ୍ମାଇବା ଛଡ଼ା ଆଉ କିଛି ନୁହେଁ। ବସନ୍ତର ଅପୂର୍ବ ସମାବେଶ କେବେହେଲେ ବର୍ତ୍ତମାନର ରାଜଧାନୀରେ ସ୍ଫୁଟିତ ହେବନାହିଁ। କବି ତାହାର ମାନସପଟରେ ବସନ୍ତ ଚିତ୍ର ସିନା ଦେଖିପାରିବ, ମାତ୍ର ଅନୁଭବରେ ନୁହେଁ। ଏଠାର କଙ୍କ୍ରିଟ୍ ଲୁହାରେ ନିର୍ମିତ ହର୍ମ୍ୟମାଳ ସହ ବୃକ୍ଷ ଛେଦନ ପ୍ରଭୃତି ପ୍ରାୟଶଃ ପ୍ରାକୃତିକ ପରିବେଶକୁ ନଷ୍ଟ କରିଦେଲାଣି। ଯେଉଁମାନେ ଚାହୁଁଛନ୍ତି ସେମାନେ ରାଜଧାନୀର ଉପାନ୍ତରେ ଥିବା ଗ୍ରାମଗହଳକୁ ଯାଇ ବସନ୍ତକୁ ଉପଭୋଗ କରନ୍ତୁ। ଯାହାର ଆମ୍ବ ତୋଟାରେ କୋଇଲି ଗାଇ ଉଠୁଛି। ଆଉ ଆମ୍ବ ବଉଳର ମଧୁଗନ୍ଧରେ ସୁରଭିତ ହୋଇ ଉଠୁଛି ସେଠାର ପରିବେଶ। ପୁଣି ପଳାଶ ବୃକ୍ଷର ରଙ୍ଗ ଶୋଭା ମନରେ ଆଣିଦିଏ ଅଶେଷ ଉନ୍ମାଦନା। ଯେଉଁଠି ପକ୍ଷୀଙ୍କ କଳରାବରେ ପୂରି ଉଠିଥାଏ ଗ୍ରାମ୍ୟ ପୁଷ୍କରିଣୀ ଓ ନଦୀକୂଳ। ଆଉ ସନ୍ଧ୍ୟା ହେଲେ ଦୂରରୁ ଶୁଭୁଥାଏ ଗୋଷ୍ଠ ଫେରନ୍ତା ଧେନୁମାନଙ୍କ ବେକରେ ବନ୍ଧା ଟିପାର ଶବ୍ଦ ସହ ହମ୍ବା ରଡ଼ି। ଗୋପାଳ ବାଳକର ବଂଶୀ ସ୍ୱନ ସହ ସନ୍ଧ୍ୟାବେଳେ ବହି ଆସୁଥିବା ଶୀତଳ ସମୀରର ମଧୁର ସ୍ପର୍ଶ ଯାହାକି ମନରେ ଆଣିଦିଏ ଅପୂର୍ବ ପୁଲକ। ସେ ସବୁର ବର୍ଣ୍ଣନା କରିବାକୁ କବିର ଭାଷା ନଥାଏ। ବସନ୍ତ ଋତୁର ବର୍ଣ୍ଣନାରେ କବି ସର୍ବଦା ବିଭୋର ହୋଇପଡ଼ିଥାଏ। ମହାକବି କାଳିଦାସ, ମାଘ, ଭାରବୀ, ଶ୍ରୀଜୟଦେବ ପ୍ରଭୃତି କାଳଜୟୀ କବିଗଣଙ୍କର ବସନ୍ତ ବର୍ଣ୍ଣନାର ଚମତ୍କାରିତା ପାଠକର ହୃଦୟରେ ଆଣିଦିଏ ଅଶେଷ ଉନ୍ମାଦନା। ଓଡ଼ିଆ ସାହିତ୍ୟରେ ମଧ୍ୟ ବସନ୍ତର ବର୍ଣ୍ଣନା ବହୁ ସାର୍ଥକ କବିଙ୍କ ଲେଖନୀରେ ସତତ ମୁଖରିତ ହୋଇଉଠିଛି। ହଜାରିବାଗର ବନ୍ଦୀଶାଳାରେ ଉତ୍କଳମଣି ଗୋପବନ୍ଧୁ ଥିବାବେଳେ ସତ୍ୟବାଦୀରେ ନିଜ ଅଙ୍ଗଲିଭା ବସନ୍ତର ବର୍ଣ୍ଣନା ଅତି ସୁନ୍ଦର ଭାବେ ତାଙ୍କ ରଚନାରେ ଚିତ୍ରଣ କରିଯାଇଛନ୍ତି। ବସନ୍ତ ପବନର ସ୍ପର୍ଶରେ ସାକ୍ଷୀଗୋପାଳରେ ଥିବା ପ୍ରଭୁଙ୍କ ବିଗ୍ରହମାନ ପୁଲକିତ ହୋଇଉଠିଥିବା ତାଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଛି।

(୧) "ଦେଉଳେ ପ୍ରବେଶି
ଗୋପୀନାଥ ବଂଶୀ ରନ୍ଧ୍ରେ
ରଚିଥିବ ଅସ୍ପଷ୍ଟ ସ୍ୱନ,
ରାଧିକା ଅଞ୍ଚଳ ଉଡ଼ାଇ
ଚଞ୍ଚଳ କରିଥିବ ଜାଣି ଦୁହିଁଙ୍କ
ମନ।
ହସି ଉଠିଥିବେ
ଯୁଗଳ ମୂରତୀ ଖସି ପଡ଼ିଥିବ
ଶ୍ରୀଅଙ୍ଗୁ ଫୁଲ,
ନବଘନ ଶୀରେ
ଆହାକି ରଚିରେ ହଲିଥିବ ବାଙ୍କ
ମୟୂର ଚୂଳ।"

(ବନ୍ଦୀର ଆତ୍ମକଥା)

(୨) ସେହିଭଳି ଏହି
କବିର ବସନ୍ତ ବର୍ଣ୍ଣନାରେ
ଋତୁରାଜ ରାଜତ୍ୱର ଚମତ୍କାରିତା
ଦର୍ଶାଯାଇଛି।

"ଋତୁରାଜ ଯେବେ ଛୁଆଁଇ
ଦିଅଇ ତା' ଶୀତଳ ମଧୁ କର
ପଲ୍ଲବିତ ହୁଏ ସୋଲ, ଭେଟ
ବଣ ପାଇ ପରଶ ତାହାର।
ଫୁଟିଉଠେ ପରା କେତେ ରଙ୍ଗ
ଫୁଲ କେତେ ବଣକୋଳି ଫଳେ
ଗୁଣୁ ସ୍ୱରେ ଗୀତ ଗାଇ ଭ୍ରମର
ଲୋ ଫୁଲରୁ ଫୁଲକୁ ବୁଲେ।

କୋକିଳର ଧ୍ୱନି ଚୂତକୁଞ୍ଜୁ
ଆସେ ମନ୍ଦେ କୁହୁନାଦ କରି
ବହୁ ରଙ୍ଗ ପକ୍ଷୀ ଉଡ଼ି ଯାଉଥାନ୍ତି
ବଢ଼ାଇ ଆକାଶ ଶିରୀ।
ନବ ପଲ୍ଲବିତ ଜବାରୁଣ ବର୍ଣ୍ଣ
ତମାଳ ପାଦପ ରାଜି
ପୁଷ୍ପ ବିମଣ୍ଡିତ ପଳାଶର ଶୋଭା
ଦେଖି ମନ ଯାଏ ହଜି।
ଧାଡ଼ି ଧାଡ଼ି କିଆ-କେତକୀ
ବଣରୁ ଆସୁଛି ବାସ ପ୍ରସରି
ଦନ୍ତୁରୀ କେତକୀ ଫୁଲକୁ
ଦେଖିଲେ ହୁଅନ୍ତି ବିରହୀ ଘାରି।
ଜମାଇଛି ଲୀଳା ମଳୟ ମରୁତ
ବଣମଲ୍ଲୀ ବଣେ ପଶି
କୌତୁକରେ କିବା ଦର ମୁକୁଳିତ
କଳିକି ଚୁମ୍ବୁଛି ହସି।
ପୁଷ୍ପ ବିମଣ୍ଡିତ ବକୁଳ ପାଦପେ
ଅଳିକୁଳ ଯହିଁ ମିଳି
ସରାଗରେ ମଧୁ ଚୁମ୍ବନ କରନ୍ତି
ଫୁଲଧୂଳି ମୁଖେ ବୋଳି।"

(ଅସ୍ତରାଗ)

ଅସରନ୍ତି ବସନ୍ତ ବର୍ଣ୍ଣନା। ରାଶି ରାଶି ବସନ୍ତ କବିତା ରଚନାରେ ସମୃଦ୍ଧ ହୋଇଛି ଓଡ଼ିଆ ସାହିତ୍ୟ ଓ ସଙ୍ଗୀତ। ତେଣୁ ବସନ୍ତ ହିଁ ମଧୁମୟ ଓ ଜୀବଜଗତରେ ଆଣିଦିଏ ଉନ୍ମାଦନା। ମାତ୍ର ଉପଭୋଗର ପରିବେଶ ସୌଧମାଳିତ ରାଜଧାନୀର ସଙ୍ଗୀତ ମହାବିଦ୍ୟାଳୟର ପରିସର ମଧ୍ୟରେ ନୁହେଁ।

ରାଜଧାନୀରେ ବସନ୍ତକୁ ଯଦି କେହି ଉପଭୋଗ କରିବାକୁ ଚାହୁଁଥାନ୍ତି ତେବେ ତାହା କେବଳ ତନ୍ତ୍ର ସାଧନାରେ ସମ୍ଭବ ହୋଇପାରେ। ସେପରି ତନ୍ତ୍ର ପ୍ରୟୋଗ କଲେ ଅଦିନରେ ମଧ୍ୟ ବସନ୍ତ ପବନ ବହିଯିବ। ସେହି ଋତୁର ଫୁଲସବୁ ଫୁଟିଉଠିବା ସହ କୋଇଲି କୁହୁ ରାବ ଦେବ। କବି ଓ ଭାବୁକ ଯେତେବେଳେ ବସନ୍ତର ଆଗମନକୁ ଚାହିଁଥିବେ ସେତେବେଳେ ଅଦିନରେ ବସନ୍ତ ଆସି ପହଞ୍ଚି ଗଲେ ସେମାନଙ୍କ ମନରେ ସାର୍ଥକତା ଆସିଯିବ। ବର୍ତ୍ତମାନର ସାହିତ୍ୟ ଏକାଡ଼େମୀର କର୍ମକର୍ତ୍ତାମାନଙ୍କୁ ଜଣାଥିବ ଯେ କେତେକ ସାହିତ୍ୟିକ ବନ୍ଧୁ ଆସାମର ଘନ ଜଙ୍ଗଲରେ ବୁଲି ତନ୍ତ୍ର ସାଧନାରେ ବ୍ୟସ୍ତ ଅଛନ୍ତି। ସେପରି ସାଧନା କରି ବସନ୍ତ ରାଗ ଗାଇଲେ କୁଆଡ଼େ ବସନ୍ତ ପବନ ବହେ, ଝଡ଼। ଗଛରେ ପତ୍ର ଧରିଥାଏ ବୋଲି ପ୍ରଚାର ହେଉଛି। ସେମାନଙ୍କ ପ୍ରଚାର ଯେ କେତେ ସତ ମୁଁ ତାହା ଅନୁଭବ କରିନାହିଁ। ସେମାନେ ଚାହିଁଲେ ଏହିପରି କବି ସମ୍ମିଳନୀରେ ବସନ୍ତକୁ ଜବରଦସ୍ତ ଡାକି ଆଣିପାରିବେ। ମାତ୍ର ସେ ଦିଗରେ ଚେଷ୍ଟାର ଆବଶ୍ୟକତା ରହିଛି। ତେଣୁ ସରକାର ସାହିତ୍ୟ ଏକାଡ଼େମୀ ପରିସର ମଧ୍ୟରେ ଏକ ତନ୍ତ୍ର ବିଭାଗ ସୃଷ୍ଟି କରିଦେଲେ ଏହିସବୁର ସମାଧାନ ହୋଇପାରନ୍ତା। କବିକୁଳ ନିରାଶ ହୁଅନ୍ତା ନାହିଁ ଓ ସିଂହ ଭଳି ପୁଣି ଉଠି ବସନ୍ତ କବିତା ଲେଖିପାରନ୍ତେ। ବସନ୍ତର ଜୟଗାନ କରିବା ସହ ସମାଜରେ ବସନ୍ତର ଚେତନା ଯେକୌଣସି ମୁହୂର୍ତ୍ତରେ ସୃଷ୍ଟି କରିପାରନ୍ତେ। ମାତ୍ର କର୍ତ୍ତୃପକ୍ଷ କାହିଁକି ଏଥିରେ ମନ ଦେଉନାହାନ୍ତି ତାହା ଆମକୁ ଜଣାନାହିଁ। ସମାନ୍ୟତମ ଚେଷ୍ଟା କଲେ ଏ ଦିଗରେ ନିଶ୍ଚିତ ସୁଫଳ ମିଳିପାରନ୍ତା। ରାଜ୍ୟ ସାହିତ୍ୟ ଏକାଡ଼େମୀର କର୍ମକର୍ତ୍ତାମାନେ ଏହି ପ୍ରକାରର ବସନ୍ତ ଉତ୍ସବର ଆୟୋଜନ କରିଥିବାରୁ ସେମାନଙ୍କୁ ଶତ ଧନ୍ୟବାଦ। ଆସାମର କାଜିରଙ୍ଗା ଅରଣ୍ୟର ବନବାସୀମାନଙ୍କ ସହିତ ମିଶି ଯେଉଁମାନେ ତନ୍ତ୍ର ଶକ୍ତି ଆହରଣ କରିଛନ୍ତି ସେହି ବିଦ୍ୟା ବଳରେ ଭୁବନେଶ୍ୱରରେ ବସନ୍ତ ଉତ୍ସବର ଗରିମା ଦେଖାଇବାକୁ ଅନୁରୋଧ। ଏପରି ହେଲେ ଏଠାର କବିକୁଳ ଉଲ୍ଲସିତ ହେବା ସହ ଆଉ ବସନ୍ତର ଆଗମନକୁ ଅପେକ୍ଷା କରି ନିରାଶ ହୁଅନ୍ତେ ନାହିଁ। କସ୍ତୁରୀମୃଗ ଯେପରି କସ୍ତୁରୀ ଗନ୍ଧରେ ବାତୁଳ ଭଳି ସେହି ଗନ୍ଧକୁ ଖୋଜି ଚାଲିଥାଏ ଓ ଜାଣିପାରେ ନାହିଁ ଯେ ନିଜ ଦେହ ମଧ୍ୟରୁ ତାହାର ସୃଷ୍ଟି ସେହିଭଳି ସାହିତ୍ୟ ଏକାଡ଼େମୀ କର୍ତ୍ତୃପକ୍ଷ ନିଜ ପାଖରେ ଥିବା କାଜିରଙ୍ଗା କାମାକ୍ଷା ତନ୍ତ୍ର ସାଧକମାନଙ୍କୁ ସମ୍ଭବତଃ ଚିହ୍ନି ପାରୁନାହାନ୍ତି।

# ଶିକ୍ଷାନୀତିରେ ବାଲ୍ ବାଟିକା



ଶ୍ରୀବସ୍ତ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ,
ମୋ: ୯୪୩୮୦୭୦୮୪୯


ଶିକ୍ଷାର୍ଥୀ ମାନଙ୍କର ମାନସିକ, ଭୌତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ ସହିତ ଆର୍ଥିକ ପ୍ରଗତି ମାଧ୍ୟମରେ ଏକ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ନିମନ୍ତେ ଦେବଭୂମି ଭାରତ ବର୍ଷରେ ପ୍ରାଚୀନ କାଳରୁ ଏକ ସୁଦୃଢ଼, ସୁଚିନ୍ତିତ, ସୁସଂଗଠିତ ଓ ସୁସଂଯତ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହୋଇ ଆସୁଅଛି । ଶିକ୍ଷା ମାଧ୍ୟମରେ ଦେଶର ପ୍ରଗତିର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ବିଭିନ୍ନ ସମୟରେ ଯୁଗପୋଯୋଗୀ ଶିକ୍ଷା ବ୍ୟବସ୍ଥାମାନ ପ୍ରଣୟନ କରି ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଅଛି । ଅଧୁନା ଭାରତ ସରକାର ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରି ଭାରତକୁ ଜ୍ଞାନର ମହାଶକ୍ତିରେ ପରିଣତ କରିବା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି । ଯେପରି ଆଜିର ଅଙ୍କୁର କାଲି ହୁଏ ବିଶାଳ ଦ୍ରୁମ ଠିକ୍ ସେହିପରି ଆଜିର ଅସହାୟ ଶିଶୁ ଆସନ୍ତା କାଲିର ଭାବୀ ମାନବ । ଜୀବନ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ଶିଶୁର ଜୀବନ ଭ୍ରୁଣ ସଂଚାର ଠାରୁ ଆରମ୍ଭ ହୋଇଥାଏ। ଭ୍ରୁଣ ସଂଚାର ଠାରୁ ଆରମ୍ଭ କରି ପରିପକ୍ୱ ପର୍ଯ୍ୟନ୍ତ ମାନବ ଜୀବନର ବୃଦ୍ଧି ଅବିରାମ ଗତିରେ ଚାଲୁଥାଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିକାଶର ଧାରା କେତେକ ପର୍ଯ୍ୟାୟ ମାଧ୍ୟମରେ ଗତିଶୀଳ । ଏତଦ୍ ବ୍ୟତୀତ ବିକାଶର କେତେକ ସମୟ ରହିଛି ଏବଂ ସେହି ନିର୍ଦ୍ଦିଷ୍ଟ ସମୟ ଗୁଡ଼ିକରେ ଶିଶୁଠାରେ ସ୍ୱତନ୍ତ୍ର ବ୍ୟବହାର ଓ ବୈଶିଷ୍ଟ୍ୟମାନ ପରିଲକ୍ଷିତ ହୁଏ, ଯାହାକୁ ପର୍ଯ୍ୟାୟ ବୋଲି କୁହାଯାଏ । ମଣିଷର ଜୀବନ କାଳ ଭ୍ରୁଣାବସ୍ଥା ଭ୍ରୁଣ ସଂଚାର ଠାରୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ), ଶୈଶବାବସ୍ଥା(ଜନ୍ମ ଠାରୁ ୬ ବର୍ଷ), ବାଲ୍ୟାବସ୍ଥା (୭ରୁ ୧୨ ବର୍ଷ), କୈଶୋରବସ୍ଥା( ୧୩ ରୁ ୧୯ ବର୍ଷ) ଏବଂ ପ୍ରୌଢ଼ାବସ୍ଥା ଓ ବୃଦ୍ଧାବସ୍ଥା (୨୦ ବର୍ଷରୁ ମୃତ୍ୟୁ ପର୍ଯ୍ୟନ୍ତ) ଦେଇ ଗତି କରିଥାଏ । ଶିଶୁର ବିକାଶ, ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଜୀବନ ବ୍ୟାପୀ ଶିକ୍ଷା ନିମନ୍ତେ ଶିଶୁର ପ୍ରାରମ୍ଭିକ ଶୈଶବ ବର୍ଷ(ଜୀବନର ପ୍ରଥମ ୬ବର୍ଷ)ରେ ମଜଭୁତ ଭିତ୍ତିଭୂମି ନିର୍ମିତ ହୁଏ । ଜୀବନର ଅନ୍ୟ ପର୍ଯ୍ୟାୟ ଗୁଡ଼ିକ ଅପେକ୍ଷା ପ୍ରାରମ୍ଭିକ ଶୈଶବସ୍ଥାରେ ବିକାଶର ହାର ତୁଳନାତ୍ମକ ଭାବେ ଦ୍ରୁତ ହୋଇଥିବାରୁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକ ବେଶ୍ ଗୁରୁତ୍ୱ ବହନ କରିଥାଏ । ଏହି ପର୍ଯ୍ୟାୟରେ ଶିଶୁକୁ ଯଦି ଏକ ଉତ୍ସାହ ଜନକ ଓ ମନୋସାମାଜିକ ପରିବେଶ ନ ମିଳେ ତେବେ ମସ୍ତିଷ୍କର ସଂପୂର୍ଣ୍ଣ କ୍ଷମତା ବିକଶିତ ନହେବାର ଯଥେଷ୍ଟ ସମ୍ଭାବନା ଥାଏ । ତେଣୁ ପଛୁଆ ପୃଷ୍ଠଭୂମିରେ ବହୁ ସଂଖ୍ୟକ ପିଲା ବିପଦରେ ଥାନ୍ତି । ଏହାକୁ ଆଖି ଆଗରେ ରଖି ବିଦ୍ୟାଳୟରେ ପିଲାମାନେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଉତ୍ତମ ମାନର ପ୍ରାରମ୍ଭିକ ଶିଶୁ ଯତ୍ନ ଏବଂ ଶିକ୍ଷା ସୁବିଧା ଯୋଗାଇ ଦେବା ପାଇଁ ପ୍ରଥମଥର ଲାଗି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତି ୨୦୨୦ରେ ବାଲ୍ ବାଟିକା କାର୍ଯ୍ୟକ୍ରମକୁ ଲାଗୁ କରିଛନ୍ତି ସରକାର । ଏହାଦ୍ୱାରା ଯେ କେବଳ ପିଲାମାନଙ୍କର ବିଦ୍ୟାଳୟ ପ୍ରଦର୍ଶନ ଭଲ ହେବ ତାହା ନୁହେଁ ବରଂ ଜୀବନ ବ୍ୟାପୀ ଶିକ୍ଷା ଏବଂ ବିକାଶର ଉପରେ ମଧ୍ୟ ଅନୁକୂଳ ପ୍ରଭାବ ପଡିବ । ଲୋକଙ୍କ ସରକାରରେ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସନ୍ତା ଶିକ୍ଷା ବର୍ଷର ଆରମ୍ଭରୁ ଅର୍ଥାତ୍ ୨୦୨୫ ମସିହା ଅପ୍ରେଲ ମାସ ୨ ତାରିଖରୁ ଓଡ଼ିଶା ସରକାରଙ୍କ ଅଧିନରେ ଥିବା ୪୫,୦୦୦ ପ୍ରାଥମିକ ବିଦ୍ୟାଳୟରେ ଏକ ଅତିରିକ୍ତ ଶ୍ରେଣୀ ଖୋଲାଯିବା ପାଇଁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର । ଯାହାକୁ 'ଶିଶୁ ବାଟିକା' ବା 'ବାଲ୍ ବାଟିକା' ନାମରେ ନାମିତ କରାଯାଇଛି । ପ୍ରାକ୍ ବିଦ୍ୟାଳୟ ଶିକ୍ଷା ନିମନ୍ତେ ୩ ରୁ ୬ ବର୍ଷର ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ । ଏଥିନିମନ୍ତେ ଆସନ୍ତା ମାସ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ 'ଖଡିଛୁଆଁ' ବା ପ୍ରବେଶ ଉତ୍ସବ ଅଭିଯାନ ପାଳନ କରାଯିବ । ଏଥିରେ ସ୍ଥାନୀୟ ଜନ ପ୍ରତିନିଧି, ସରକାରୀ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । 'ବାଲ୍ ବାଟିକା' ରେ ଯୋଗ ଦେଇଥିବା ପିଲାମାନଙ୍କର ଅଭିଭାବକ ମାନଙ୍କୁ ଏହି ଅଭିଯାନର ମହତ୍ତ୍ୱ ଉପରେ ସଚେତନତା କାର୍ଯ୍ୟକ୍ରମ ମାର୍ଚ୍ଚ ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ କରାଯିବ । ସ୍କୁଲ ବାହାରେ ଥିବା ପିଲାମାନଙ୍କୁ ଚିହ୍ନଟ କରାଯିବା ସହ ଉଚିତ୍ ବୟସରେ ସେମାନଙ୍କର ନାମଲେଖା ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର । ମସ୍ତିଷ୍କର ପାଖାପାଖି ୮୦ ପ୍ରତିଶତ ବିକାଶ ୬ ବର୍ଷ ପୂର୍ବରୁ ହୋଇଥାଏ ତେଣୁ ପ୍ରାକ୍ ଶୈଶବାବସ୍ଥାରେ ମସ୍ତିଷ୍କର ସୁସ୍ଥ ବିକାଶ ପାଇଁ ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମସ୍ତିଷ୍କର ଉପଯୁକ୍ତ ଯତ୍ନ ନେବା ନିହାତି ଜରୁରୀ । ତେଣୁ ୩ ରୁ ୬ ବର୍ଷର ଶିଶୁମାନେ ଏହି 'ବାଲ୍ ବାଟିକା' ଶ୍ରେଣୀରେ ସକ୍ରିୟ ଅଂଶଗ୍ରହଣ କରିବେ । ଫଳରେ ସେମାନଙ୍କର ପ୍ରାକ୍ ବିଦ୍ୟାଳୟ ଭିତ୍ତିଭୂମି ସ୍ଥାପନ ହୋଇପାରିବ। ଏହି ଅଭିଯାନ ମାଧ୍ୟମରେ ଶିଶୁମାନଙ୍କୁ ମାଗଣା, ସୁରକ୍ଷିତ, ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଶିକ୍ଷାଦାନ କରାଯିବାର ବ୍ୟବସ୍ଥା ରହିଛି । ବାଲ୍ ବାଟିକା ଶ୍ରେଣୀରେ ଶିଶୁ ମାନଙ୍କୁ ଜ୍ଞାନଗତ ଦକ୍ଷତା, ଶାରୀରିକ ଦକ୍ଷତା, କୌଶଳ ବିକାଶ, ଜ୍ଞାନାତ୍ମକ ବିକାଶ, ଭାଷା, ସୃଜନଶୀଳତା, ସୌନ୍ଦର୍ଯ୍ୟ ବୋଧ, ସାମାଜିକ ଓ ଭାବନାତ୍ମକ ଦକ୍ଷତା ବିକାଶ ନିମନ୍ତେ ଶିକ୍ଷା ଦାନ କରିବା ସହ ଶିଶୁର ଆଜୀବନ ଶିକ୍ଷଣ ପ୍ରବୃତ୍ତିକୁ ଆଗେଇ ନେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମସ୍ତିଷ୍କ ବିକାଶ ନିମନ୍ତେ କ୍ରୀଡା ମାଧ୍ୟମରେ ଶିକ୍ଷା ଦାନ କରିବା, ସଂଖ୍ୟା ଓ ପ୍ରତୀକ ସହ ଅକ୍ଷର ଚିହ୍ନିବା, ଶିଶୁର ଶିକ୍ଷଣ ଅଭିଜ୍ଞତାରେ ପିତାମାତାଙ୍କ ସକ୍ରିୟ ଅଂଶ ଗ୍ରହଣ କରି ବିଦ୍ୟାଳୟରେ ଶ୍ରେଣୀ ୧ ରେ ନାମଲେଖା ନିମନ୍ତେ ଶିଶୁକୁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ । ଏତଦବ୍ୟତୀତ ପୂର୍ବ ଶିକ୍ଷା ନୀତିର ୧୦+୨ ପ୍ରଣାଳୀ ଉଚ୍ଛେଦ କରି ନୂତନ ଶିକ୍ଷାନୀତି ରେ ୫( ପ୍ରାରମ୍ଭିକ), +୩(ପ୍ରସ୍ତୁତି), +୩(ମଧ୍ୟ), +୪(ମାଧ୍ୟମିକ) ପ୍ରଣାଳୀକୁ ରୂପାନ୍ତରିତ କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି ସରକାର । ନୂତନ ଶିକ୍ଷା ନୀତିରେ ବାଲ ବାଟିକା ଅଭିଯାନ ନିଶ୍ଚିତ ଭାବେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ସାଧାରଣରେ ଦେଖିବା ପାଇଁ ଗଲେ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଧୁନା ସମସ୍ୟା ଘେରରେ ରହିଛି ଓଡ଼ିଶା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ଶିକ୍ଷକମାନଙ୍କ ବିନା ଶିକ୍ଷା ସମ୍ଭବ ନୁହେଁ । ବର୍ତ୍ତମାନ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଶିକ୍ଷକ ନାହାନ୍ତି । ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକ ଅଛନ୍ତି । ଏକାଧିକ ବିଦ୍ୟାଳୟରେ ଗୋଟିଏ ଘରେ ୧ ରୁ ୫ ଶ୍ରେଣୀ ଶିକ୍ଷାଦାନ ଚାଲିଛି । ଅନ୍ୟ ପକ୍ଷରେ ଦେଖିଲେ ରାଜ୍ୟରେ ୨୧,୧୭୯ଟି ପ୍ରାଥମିକ ବିଦ୍ୟାଳୟ ଭଡ଼ା ଘରେ ଚାଲିଛି, ଅଧିକାଂଶ ବିଦ୍ୟାଳୟର ଆବଶ୍ୟକ ଶିକ୍ଷକ ନାହାନ୍ତି । ଯେଉଁଠି ଶିକ୍ଷକ ଅଛନ୍ତି ସେଠି ପିଲାଙ୍କ ପାଇଁ ବସିବାକୁ ଘର ନାହିଁ ଫଳରେ ନାହିଁ ନାହିଁରେ ଚାଲିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ସରକାରଙ୍କର ଶିକ୍ଷକ ମାରଣ ନୀତି ଯୋଗୁଁ ବହୁ ମେଧାବୀ ଶିକ୍ଷକତା ବୃତ୍ତିକୁ ନାପସନ୍ଦ କରୁଛନ୍ତି । ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା କିନ୍ତୁ ଆବଶ୍ୟକୀୟ ଶିକ୍ଷକ ପଦ ସୃଷ୍ଟି ହୋଇପାରିଲା ନାହିଁ । ଅତୀତରେ ବିଦ୍ୟାଳୟରେ କୋଠା ନ ଥିଲା କି କୌଣସି ରଙ୍ଗ ନଥିଲା କିନ୍ତୁ ମେଧାବୀ ସୃଷ୍ଟି ହେଉଥିଲେ ଆଜି କିନ୍ତୁ ସୁ ଉଚ୍ଚ କୋଠା ସାଙ୍ଗକୁ ସୁନ୍ଦର ରଙ୍ଗରେ ଆଚ୍ଛାଦିତ ହୋଇଛି ବିଦ୍ୟାଳୟ ହେଲେ ମେଧାବୀଙ୍କ ସଂଖ୍ୟା ଶୂନ୍ୟ । ଏହିଭଳି ଅବସ୍ଥା ଯୋଗୁଁ ସରକାରୀ ବିଦ୍ୟାଳୟ ପ୍ରତି ଅଧିକାଂଶ ଅଭିଭାବକ ମୁହଁ ଫେରାଇ ନେଉଛନ୍ତି । ଘରୋଇ ବିଦ୍ୟାଳୟରେ ଚାହିଦା ବଢ଼ିଛି । ସରକାରୀ ଓ ବେସରକାରୀ ବିଦ୍ୟାଳୟ ମଧ୍ୟରେ ବିଭାଜନ ରେଖା ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିସାରିଲାଣି । ଅନ୍ୟ ପକ୍ଷରେ ଦେଖିଲେ ବାଲ୍ ବାଟିକା ମହିଳା ଓ ଶିଶୁ ବିକାଶ ବିଭାଗର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନ୍ତର୍ଭୁକ୍ତ ତେଣୁ ଦୁଇଟି ପୃଥକ୍ ପୃଥକ ବିଭାଗ ମଧ୍ୟରେ ଯଦି ଉଚିତ ସମନ୍ୱୟ ନ ରହେ ତେବେ ସବୁ ଯୋଜନା ଫସର ଫାଟିଯିବ । ଯଦିଓ ସରକାର ତରବରିଆ ଭାବେ ପର୍ଯ୍ୟାୟ କ୍ରମେ ଶିକ୍ଷକମାନଙ୍କୁ ତାଲିମ ଦେବା ଆରମ୍ଭ କଲେଣି ତଥାପି ବାଲ୍ ବାଟିକା ଶ୍ରେଣୀରେ ଶିକ୍ଷାଦାନର ସଫଳତା ପାଇଁ ଉଚ୍ଚମାନର ଇସିସିଇ ଶିକ୍ଷକ ମାନଙ୍କର ଆବଶ୍ୟକତା ରହିଛି । ସରକାରୀ ଛାଟକୁ ଭୟ କରି ନିଜର ଅନିଚ୍ଛା ସତ୍ତ୍ୱେ ଶିକ୍ଷକମାନେ ଏହି ତାଲିମରେ ଯୋଗଦାନ କରିଛନ୍ତି ସତ କିନ୍ତୁ ଏହା କେତେଦୂର ଫଳପ୍ରଦ ହେବ ତାହା ଦେଖିବାର କଥା । ଏହିଭଳି ପରିସ୍ଥିତିରେ ଛୋଟ ପିଲାଙ୍କର ଯତ୍ନ ନେବ କିଏ? ସେମାନଙ୍କୁ ପଢ଼ାଇବ କିଏ? ସେମାନେ କେଉଁଠି ପଢ଼ିବେ? ଅଣତାଲିମ ପ୍ରାପ୍ତ ଶିକ୍ଷକମାନଙ୍କୁ ନେଇ, ଆବଶ୍ୟକ ଭିତ୍ତିଭୂମି ନଥାଇ, ଶିକ୍ଷକମାନଙ୍କ ସହ ବିଚାର ବିମର୍ଷ ନକରି ତରବରିଆ ଭାବେ ବିଦ୍ୟାଳୟରେ ବାଲ୍ ବାଟିକା ଶ୍ରେଣୀକୁ ଅନ୍ତର୍ଭୁକ୍ତ କରିବା ଆଦୌ ସମିଚୀନ ନୁହେଁ । ପ୍ରଥମେ ସରକାର ଆବଶ୍ୟକ ଭିତ୍ତିଭୂମି ଯୋଗାଇଦିଅନ୍ତୁ, ବିଦ୍ୟାଳୟର ଶୈକ୍ଷିକ ପରିସରକୁ ରୁଦ୍ଧିମନ୍ତ କରନ୍ତୁ, ଉପଯୁକ୍ତ ତାଲିମ ପ୍ରାପ୍ତ ଶିକ୍ଷକ ନିଯୁକ୍ତି କରନ୍ତୁ, ଶିକ୍ଷକମାନଙ୍କ ସମସ୍ୟାକୁ ସମାଧାନ କରନ୍ତୁ ଅନ୍ୟଥା ସରକାରଙ୍କ ଯେଉଁ ଉଦ୍ଦେଶ୍ୟ ରଖି ବାଲ୍ ବାଟିକା ଅଭିଯାନ ଆରମ୍ଭ କରିଛନ୍ତି ତାହା ଆଦୌ ଫଳପ୍ରଦ ହୋଇପାରିବ ନାହିଁ ।


Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ମାର୍ଚ୍ଚ ୨୦୨୫ ବୁଧବାର



# ମାର୍ଚ୍ଚ ମାସରେ ଘଟିଥିବା ଦୁଇଟି ମହାନ ମହାସମାଧି





କୌଣସି ଦିବ୍ୟ ଗୁରୁ, ଗୁରୁ ପଦବାଚ୍ୟ ହେବା ପାଇଁ ଶରୀର ଧାରଣ କରିବାର ଆବଶ୍ୟକତା ନ ଥାଏ । ଆଜି ମଧ୍ୟ କୋଟି କୋଟି ଭକ୍ତ ମାନଙ୍କ ପାଇଁ ଆଧ୍ୟାତ୍ମିକ ପୁସ୍ତକ 'ଯୋଗୀର ଆତ୍ମ ଚରିତ'ର ରଚୟିତା ଶ୍ରୀ ଶ୍ରୀ ପରମହଂସ ଯୋଗାନନ୍ଦ ଏବଂ 'The Holy Science'ର ରଚୟିତା ଶ୍ରୀ ଶ୍ରୀ ଯୁକ୍ତେଶ୍ୱର ଗିରିଙ୍କ ପାଇଁ ଉପୋରକ୍ତ ଉକ୍ତିଟି ପ୍ରଯୁଜ୍ୟ । ମାର୍ଚ୍ଚ ମାସରେ ଘଟିଥିବା ଏହି ମହାସମାଧି ହେଉଛି ଏପରି ଏକ ଅଲୌକିକ ଘଟଣା ଯେତେବେଳେ ଏହି ଈଶ୍ୱର ଉପଲବ୍ଧ ଦୁଇ ମହାନ ଗୁରୁ ଜାଗ୍ରତ ଅବସ୍ଥାରେ ମରଶରୀରକୁ ତ୍ୟାଗ କରିଥିଲେ । ଶ୍ରୀ ଶ୍ରୀ ଯୁକ୍ତେଶ୍ୱର ଗିରି ମାର୍ଚ୍ଚ ୯, ୧୯୩୬ ରେ ଏବଂ ସାରା ବିଶ୍ୱ ରେ ଲବ୍ଧପ୍ରତିଷ୍ଠିତ ତାଙ୍କ ଶିଷ୍ୟ ଶ୍ରୀ ଶ୍ରୀ ପରମହଂସ ଯୋଗାନନ୍ଦ ମାର୍ଚ୍ଚ ୭, ୧୯୫୨ରେ ମହାସମାଧି ପ୍ରାପ୍ତ କରିଥିଲେ । କ୍ରିୟାଯୋଗ ଶିକ୍ଷା ପରମ୍ପରାର ଏହି ଦୁଇ ମହାନ ଗୁରୁ ଏକ ଦୀର୍ଘ କ୍ରିୟା ପ୍ରକ୍ରିୟା କରି ପରିଧାନ କରିଥିବା ପୋଷାକକୁ ବାହାର କରିଦେଲା ଭଳି ତାଙ୍କର ଶରୀରକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ତାଙ୍କର ଭକ୍ତ ମାନଙ୍କର ମୋକ୍ଷ ପ୍ରାପ୍ତି ନିମନ୍ତେ ପଥ ପ୍ରଦର୍ଶକ ସାଜିଥିଲେ । 'କ୍ରିୟାଯୋଗ' ଯାହା 'ଯୋଗୀର ଆତ୍ମଚରିତ' ପୁସ୍ତକରେ ବର୍ଣ୍ଣିତ ହୋଇଛି ତାହା ଏପରି ଏକ ଯୋଗକ୍ଷଭ୍ୟାଷ ଯାହା ଦ୍ୱାରା, ପ୍ରତ୍ୟେକ ନିଶ୍ୱାସରେ ରକ୍ତରୁ ଅଙ୍ଗାରକାମ୍ଳ ନିଷ୍କାସିତ ହୋଇଥାଏ । ଫଳତଃ ଏହା ଶରୀରର ଅବକ୍ଷୟକୁ ହ୍ରାସ କରିଥାଏ ଏବଂ ଏଥିରେ ଥିବା ଅତିରିକ୍ତ ଅମ୍ଳଜାନର ପରମାଣୁଗୁଡ଼ିକ ଜୀବକୋଷର ସମ୍ପୂର୍ଣ ଶକ୍ତିକୁ ରୂପାନ୍ତରିତ କରିଦେଇଥାଏ । ତିରିଶ ସେକେଣ୍ଡ ଲାଗୁଥିବା ଗୋଟିଏ କ୍ରିୟା ପ୍ରାକୃତିକ ଭାବରେ ଘଟୁଥିବା ଏକ ବର୍ଷର ବିକାଶ ଜନିତ କ୍ରମିକ ପରିବର୍ତ୍ତନ ସହିତ ସମାନ । ଏହା ଏକ ପ୍ରାଚୀନ ବିଜ୍ଞାନ, ଯାହା ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପ୍ରଦାନ କରିଥିଲେ ଏବଂ ପରେ ପରେ ଏହା ପତଞ୍ଜଳୀ ଓ ଅନ୍ୟାନ୍ୟ ଭକ୍ତ ମାନଙ୍କୁ ଜଣା ପଡିଥିଲା । ଚଳିତ ଯୁଗରେ ମହାବତାର ବାବାଜୀ ଏହାକୁ ଲାହିଡୀ ମହାଶୟଙ୍କୁ ଦେଇଥିଲେ, ଯିଏ ତାହା ଶ୍ରୀ ପରମହଂସ ଯୋଗାନନ୍ଦଙ୍କର ଗୁରୁ ଶ୍ରୀଯୁକ୍ତେଶ୍ୱର ଗିରିଙ୍କୁ ପ୍ରଦାନ କରିଥିଲେ। ୧୯୧୦ ମସିହାରେ ଯୋଗାନନ୍ଦଜୀ (ବାଲ୍ୟ ନାମ 'ମୁକୁନ୍ଦ')ଙ୍କୁ ଯେତେବେଳେ ୧୭ ବର୍ଷ ହୋଇଥିଲା, ସେ ତାଙ୍କର ଗୁରୁ ଶ୍ରୀଯୁକ୍ତେଶ୍ୱର ଗିରିଙ୍କୁ ସାକ୍ଷାତ କରିଥିଲେ । ପ୍ରଶିକ୍ଷଣ ସମୟରେ ଗୁରୁଙ୍କର ଉତ୍ତେଜିତ କରିବା ଭଳି ବ୍ୟବହାରରେ ଯେତେବେଳେ ଅଧିକାଂଶ ଛାତ୍ର ଆଶ୍ରମ ଛାଡ଼ି ପଳାୟନ କରୁଥିଲେ ସେତେବେଳେ ଗୁରୁଙ୍କର ଆଦେଶକୁ ମୁକୁନ୍ଦ ହୃଦୟର ସହିତ ଗ୍ରହଣ କରୁଥିଲେ। ସେହି ବାଳକ, ଗୁରୁଙ୍କର ପ୍ରଶିକ୍ଷଣ ଶେଷ କଲାପରେ ନିଜକୁ ଜଣେ 'ଗୁରୁ' ହିସାବରେ ପ୍ରତିପାଦିତ କରିପାରିଥିଲେ । କାରଣ ବହୁ ପୂର୍ବରୁ, ମହାବତାର ବାବାଜୀ ଶ୍ରୀ ଯୁକ୍ତେଶ୍ୱରଜୀଙ୍କୁ ଭବିଷ୍ୟବାଣୀ ଶୁଣାଇଥିଲେ ଯେ 'ଯୋଗାନନ୍ଦ' ହେଉଛନ୍ତି ଜଣେ ଗୁରୁ ଯାହାଙ୍କୁ ପାଶ୍ଚାତ୍ୟ ଜଗତରେ କ୍ରିୟାଯୋଗର ପ୍ରଚାର ଓ ପ୍ରସାର ପାଇଁ ମନୋନୀତ କରାଯାଇଛି । ଯୋଗାନନ୍ଦଜୀ ଯଦିଓ ପ୍ରଥମେ ପ୍ରାଚ୍ୟ ରେ ଗୋଟିଏ ଅନୁଷ୍ଠାନ ଆରମ୍ଭ କରିବାକୁ କୁଣ୍ଠିତ ଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେ ତାଙ୍କ ଗୁରୁଙ୍କ ଆଦେଶକୁ ମାନି ନେଇ ୧୯୧୭ ମସିହାରେ ଯୋଗଦା ସତସଙ୍ଗ ସୋସାଇଟି ଅଫ ଇଣ୍ଡିଆ ସ୍ଥାପନା କରିଥିଲେ ଏବଂ ପୂର୍ବରୁ କରାଯାଇଥିବା ଭବିଷ୍ୟବାଣୀକୁ ସାକାର ରୂପ ଦେବା ପାଇଁ ୧୯୨୦ ରେ, ତାଙ୍କୁ ଆମେରିକା ଯିବା ପାଇଁ ଆହ୍ୱାନ ଆସିଥିଲା । ଆମେରିକା ବାସୀଙ୍କ ପାଇଁ କ୍ରିୟାଯୋଗ ଯେପରି ଅଜଣା ଥିଲା, ସେହିପରି ତାଙ୍କ ପାଇଁ ସେ ଦେଶର ଭାଷା ମଧ୍ୟ ତଦନୁରୁପକ ଥିଲା । କିନ୍ତୁ, ଭାଷା ଏହି ଈଶ୍ୱର ଉପଲବ୍ଧ ଗୁରୁଙ୍କର ଚଲା ପଥରେ ବାଧକ ସୃଷ୍ଟି କରି ପାରି ନ ଥିଲା । ସେ ତାଙ୍କର ପ୍ରଥମ ଇଂରାଜୀ ଭାଷଣ ତାଙ୍କୁ ଆମେରିକା ନେଇଯାଉଥିବା ଜାହାଜରେ ଦେଇଥିଲେ ଏବଂ ପରେ ପରେ ଆମେରିକାର ପ୍ରତ୍ୟେକ ସହରର ଲୋକାରଣ୍ୟ ହେଉଥିବା ହଲ୍ ଗୁଡିକରେ ଦେଇଥିଲେ। କ୍ରମଶଃ ଏହା ତାଙ୍କୁ ୧୯୨୦ ମସିହାରେ ସେଲ୍ଫ ରିୟଲାଇଜେସନ ଫେଲୋସିପ ପ୍ରତିଷ୍ଠା କରିବାରେ ସହାୟକ ହୋଇଥିଲା, ଯେଉଁଥିପାଇଁ ଈଶ୍ୱର ତାଙ୍କୁ ମନୋନୀତ କରିଥିଲେ । ଏହି ଅତୁଳନୀୟ ମହାନ ଗୁରୁ ତାଙ୍କର ମହାସମାଧି ଘଟିତ ହେବା ପର୍ଯ୍ୟନ୍ତ ସନ୍ୟାସୀ ଏବଂ ଗୃହସ୍ଥ ମାନଙ୍କୁ କ୍ରିୟାଯୋଗ ଶିକ୍ଷା ପ୍ରଦାନ କରିଥିଲେ । ମୃତ୍ୟୁର ୨୦ ଦିନ ପରେ ମଧ୍ୟ ତାଙ୍କ ଶବ ଶରୀରରେ କୌଣସି ପ୍ରକାର କ୍ଷୟ ହେବାର ସଙ୍କେତ ନ ଥିଲା । ଶବ ଗୃହର ନିର୍ଦେଶକ ମିଷ୍ଟ୍ର ହ୍ୟାରି ଟି. ରାଉଏ ଙ୍କର ରେକର୍ଡ ଅନୁସାରେ ଯୋଗାନନ୍ଦଙ୍କ ଶବ ଶରୀର 'ଏକ ଅପୂର୍ବ ଅପରିବର୍ତ୍ତନୀୟ ଅବସ୍ଥା'ରେ ହିଁ ରହିଥିଲା । ଏହି ମହାନ ଗୁରୁ ମାନବ ସମାଜକୁ ଦର୍ଶାଇ ଦେବାକୁ ଚାହୁଁଥିଲେ ଯେ ଯୋଗ ଏବଂ ଧ୍ୟାନ ବଳରେ ପ୍ରକୃତିର ଶକ୍ତି ଓ ସମୟକୁ ସମ୍ମୁଖୀନ କରିବା ସମ୍ଭବପର ହୋଇପାରେ । ଯୋଗାନନ୍ଦଜୀ,ତାଙ୍କ ପ୍ରତିଜ୍ଞାନୁସାରେ ମହାସମାଧିର ୭୩ ବର୍ଷ ପୂର୍ତ୍ତି ହେଲେ ମଧ୍ୟ ସେଲ୍ଫ ରିୟଲାଇଜେସନ ମାଧ୍ୟମରେ ଘରୋଇ ପାଠମାଳା / ଶିକ୍ଷାବଳୀ ସହାୟତାରେ କ୍ରିୟାଯୋଗ ଶିକ୍ଷା ଜାରି ରଖିଛନ୍ତି । ତାଙ୍କ ଉକ୍ତିରେ, "ମୁଁ ଏହି ଶରୀରରେ ଥିବା ପର୍ଯ୍ୟନ୍ତ ହେଉ କିମ୍ବା ଏହାପରେ ହେଉ, ଯେଉଁମାନେ ପ୍ରକୃତ ପକ୍ଷେ ଆଧ୍ୟାତ୍ମିକ ପ୍ରେରଣା ଲାଭ ପାଇଁ ସେଲ୍ଫ ରିୟଲାଇଜେସନ ଫେଲୋସିପ କିମ୍ବା ଯୋଗଦକ୍ଷ ସତସଙ୍ଗ ସୋସାଇଟି ଅଫ ଇଣ୍ଡିଆରେ ଯୋଗଦାନ କରିଛନ୍ତି ସେମାନେ ଈଶ୍ୱରଙ୍କଠାରୁ ଆଶା କରୁଥିବା ଆଧ୍ୟାତ୍ମିକ ସାହାଯ୍ୟ ଅବଶ୍ୟ ପ୍ରାପ୍ତ କରିବେ ।"

# ଖରାରେ ଅଧିକ ବଢେ ହୃଦ୍‌ରୋଗୀଙ୍କ ସମସ୍ୟା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**


ଋତୁ ପରିବର୍ତ୍ତନ ପ୍ରକୃତିର ଏକ ସ୍ୱାଭାବିକ ପ୍ରକ୍ରିୟା । ଶୀତ, ବର୍ଷା ଓ ଗ୍ରୀଷ୍ମ ଋତୁ ବର୍ଷର ବିଭିନ୍ନ ସମୟରେ ପରିବର୍ତ୍ତନ ନେଇ ଆସିଥାଏ, ଯାହାର ପ୍ରଭାବ ମଣିଷ ଶରୀର ଉପରେ ମଧ୍ୟ ଦେଖିବାକୁ ମିଳିଥାଏ । ମଣିଷ ଶରୀର ପାଇଁ ୨୪ ଡିଗ୍ରୀ ସେଣ୍ଟିଗ୍ରେଟେଡ୍‌ରୁ ୨୮ ଡିଗ୍ରୀ ସେଣ୍ଟିଗ୍ରେଟେଡ୍ ପରିବେଶିକ ତାପ ସ୍ପୃହଣୀୟ ଏବଂ ଆରାମଦାୟକ । ମଣିଷ ଶରୀରର ତାପ ୩୬.୧ ଡିଗ୍ରୀ ସେଣ୍ଟିଗ୍ରେଟେଡ୍ (୯୭ ଡିଗ୍ରୀ ଫାରେନ୍‌ହାଇଟ୍)ରୁ ୩୭ ଡିଗ୍ରୀ ସେଣ୍ଟିଗ୍ରେଟେଡ୍ (୯୯ ଡିଗ୍ରୀ ଫାରେନ୍‌ହାଇଟ୍) ମଧ୍ୟରେ ରହେ । ବାହାରର ତାପ କମ୍ ବା ବେଶୀ ହେଲେ ମଧ୍ୟ ଶରୀରର ତାପ ୩୬.୧ ଡିଗ୍ରୀରୁ ୩୭.୨ ଡିଗ୍ରୀ ସେଣ୍ଟିଗ୍ରେଟେଡ୍ ମଧ୍ୟରେ ରହେ । ଖରାଦିନେ ପରିବେଶର ତାପ ଦିନ ବେଳେ ୩୯ ଡିଗ୍ରୀ ସେଣ୍ଟିଗ୍ରେଟେଡ୍ ୪୮ ଡିଗ୍ରୀ ସେଣ୍ଟିଗ୍ରେଟେଡ୍ ପର୍ଯ୍ୟନ୍ତ ବଢିଥାଏ । ଏହି ଅଧିକ ତାପରୁ ଶରୀରକୁ ରକ୍ଷା କରିବା ପାଇଁ ଦେହରୁ ଯଥେଷ୍ଟ ଝାଳ ବାହାରିଥାଏ ଏବଂ ଏହା ଦେହକୁ ଥଣ୍ଡା ରଖି ୩୬ ଡିଗ୍ରୀ ସେଣ୍ଟିଗ୍ରେଟେଡ୍‌ରୁ ୩୭ ଡିଗ୍ରୀ ମଧ୍ୟରେ ରହେ । ଅଧିକ ଝାଳ ବାହାରିବା ଯୋଗୁଁ ଶରୀରରୁ ଜଳୀୟ ଅଂଶ ଓ ଲବଣ ଅଂଶ କମିଯାଇଥାଏ । ପ୍ରତି ଲିଟର ଝାଳରେ ୧୧୫୦ ମି.ଗ୍ରା ସୋଡିୟମ୍ ରହିଥାଏ । ପ୍ରତି ଘଣ୍ଟାରେ ୧.୫ରୁ ୨ ଲିଟର ଝାଳ ବାହାରିଥାଏ ଏବଂ ପ୍ରାୟ ୧୭୦୦ରୁ ୨୦୦୦ ମି.ଗ୍ରା ଲବଣ କ୍ଷୟ ହୋଇଥାଏ। ଖରାରେ ୨/୩ ଘଣ୍ଟା କାମ କଲେ ଦେହରୁ ୩/୪ ଲିଟର ଜଳୀୟ ଅଂଶ ଏବଂ ୫/୬ ଗ୍ରାମ୍ ଲବଣ ଅଂଶ କ୍ଷୟ ହୋଇଥାଏ । ଜଳହୀନତା ଏବଂ ଲବଣହୀନତା ଉଭୟ ସାଧାରଣ ଲୋକଙ୍କ ପାଇଁ ଗୁରୁତର ଅବସ୍ଥା। ଜଳ ଓ ଲବଣ କ୍ଷୟ ହେଲେ ଅବଶ ଓ ଦୁର୍ବଳ ଲାଗିଥାଏ। ଅବସ୍ଥା ଗୁରୁତର ହେଲେ ଚେତା ମଧ୍ୟ ହରାଇପାରନ୍ତି । ଏହାକୁ ଅଂଶୁଘାତ କୁହାଯାଏ । ହୃଦ୍‌ରୋଗୀମାନେ ଏହି ଜଳକ୍ଷୟ, ଲବଣକ୍ଷୟ ମଧ୍ୟ ଦେଇ ଗତି କଲେ, ଅଧିକ ଗୁରୁତର ହୋଇପାରନ୍ତି । ଏପରିକି ଜୀବନଘାତକ ମଧ୍ୟ ହୋଇପାରେ। ଜଳହୀନତା ହେଲେ ରକ୍ତର ଘନତ୍ୱ ବଢିଥାଏ । ଫଳରେ ରକ୍ତ ଓ ରକ୍ତନଳୀ ମଧ୍ୟରେ ଜମାଟ ବାନ୍ଧିବାର ଆଶଙ୍କା ବଢିଥାଏ । ରକ୍ତନଳୀରେ ଜମାଟ ବାନ୍ଧିଲେ ହାର୍ଟଆଟାକ୍, ବ୍ରେନ୍ ଆଟାକ୍, କିଡ୍‌ନୀ ଫେଲିୟୋର ଆଦି ଗୁରୁତର ରୋଗ ଦେଖିବାକୁ ମିଳିଥାଏ । ଅଧିକ ପରିବେଶିକ ତାପ, ଅଧିକ ଆର୍ଦ୍ରତା ହୃଦ୍‌ରୋଗୀଙ୍କ ଉପରେ ଖରାପ ପ୍ରଭାବ ପକାଇଥାଏ । ହାର୍ଟଆଟାକ୍ ବା ହୃଦ୍‌ଘାତ ରୋଗୀମାନେ ରକ୍ତ ତରଳ କରିବା ଔଷଧ ଖାଆନ୍ତି । କିନ୍ତୁ ଜଳହୀନତା ଏହି ଔଷଧଗୁଡିକର ପ୍ରଭାବକୁ ଏବଂ ସୁରକ୍ଷା ଶକ୍ତିକୁ କମ୍ କରିଥାଏ । ଉଚ୍ଚ ରକ୍ତଚାପ ରୋଗୀ, ଦୁର୍ବଳ ହୃତ୍‌କ୍ରିୟା ରୋଗୀମାନଙ୍କୁ ପରିସ୍ରା ବଢାଇବା ଔଷଧ ଦିଆଯାଇଥାଏ। ଏହି ଔଷଧ ଖାଉଥିବା ରୋଗୀମାନେ ଡାକ୍ତରୀ ପରାମର୍ଶ କ୍ରମେ ଔଷଧର ଉପଯୁକ୍ତ ମାତ୍ରା ନେବା ଉଚିତ୍ । ଏହାସହିତ ଜଳହୀନତା ଓ ଲବଣହୀନତାଠାରୁ ଦୂରେଇ ରହିବା ଉଚିତ୍ । ଏହି ରୋଗୀମାନଙ୍କୁ କମ୍ ଲୁଣ ଖାଇବାକୁ କୁହାଯାଇଥାଏ ।

# ଷ୍ଟେରଏଡ୍ ସ୍ପ୍ରେ କିମ୍ବା ଇନହେଲର ବ୍ୟବହାର ଦ୍ୱାରା ଆଖି କ୍ଷତିଗ୍ରସ୍ତ ହୋଇପାରେ



ଷ୍ଟେରଏଡ୍ ଏକ ପ୍ରକାରର ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଔଷଧ, ଯାହା ଶରୀର ଆଲର୍ଜିକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏହି ଔଷଧକୁ ଖାସ୍ କରି ଆଜ୍ମା ଏବଂ ଆଲର୍ଜି, ଗୁରୁତର ଚର୍ମ ରୋଗ, ଗଣ୍ଠି ରୋଗ, ଅଟୋଇମ୍ମ୍ୟୁନ୍ ରୋଗ, ଆଖି ଫୁଲିବା ଭଳି ରୋଗରେ ବ୍ୟବହୃତ କରାଯାଇଥାଏ। ଏହା ବ୍ୟତୀତ ଏହି ଷ୍ଟେରଏଡ୍‌କୁ ଜିମ୍‌ରେ ମଧ୍ୟ ବ୍ୟବହାର କରାଯାଇଥାଏ। ଜିମ୍‌ରେ ବଡି ବିଲ୍‌ଡିଂ କରୁଥିବା ବ୍ୟକ୍ତିମାନେ ମଧ୍ୟ ଷ୍ଟେରଏଡ୍ ବ୍ୟବହାର କରିଥାନ୍ତି । ସେମାନେ ବିଶେଷ କରି ଇଂଜେକ୍ସନ୍ ମାଧ୍ୟମରେ ଏହି ଷ୍ଟେରଏଡ୍‌କୁ ଗ୍ରହଣ କରିଥାନ୍ତି । କାରଣ ଏହି ଷ୍ଟେରଏଡ୍ ସେମାନଙ୍କ ଶରୀରକୁ ସୁଦୃଢ କରିବାରେ ସାହାଯ୍ୟ କରିଥାଏ । ହେଲେ ଏହାକୁ ଡାକ୍ତରଙ୍କ ପରାମର୍ଶ ବିନା ଗ୍ରହଣ କରିବା ବିପଦଜନକ ସାବ୍ୟସ୍ତ ହୋଇପାରେ । ଯଦି ଆପଣ ମଧ୍ୟ ଷ୍ଟେରଏଡ୍ ବ୍ୟବହାର କରୁଛନ୍ତି, ତେବେ ସତର୍କ ରୁହନ୍ତୁ । କାରଣ ଏହା ଆପଣଙ୍କ ଦୃଷ୍ଟି ଶକ୍ତିକୁ କମାଇ ଆପଣଙ୍କୁ ସବୁଦିନ ପାଇଁ ଅନ୍ଧ କରିପାରେ। ଏଆଇଆଇଏମ୍‌ଏସ୍ ଡାକ୍ତରମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଷ୍ଟେରଏଡ୍ କିମ୍ବା ଷ୍ଟେରଏଡ୍ ଥିବା ସ୍କିନ୍ କ୍ରିମ୍, ସ୍ପ୍ରେ କିମ୍ବା ଇନହେଲର ବ୍ୟବହାର କରୁଛନ୍ତି, ତେବେ ଆଖି କ୍ଷତିଗ୍ରସ୍ତ ହୋଇପାରେ । ୬ ସପ୍ତାହରୁ ଅଧିକ ସମୟ ଧରି ନିରନ୍ତର ଷ୍ଟେରଏଡ୍ ସେବନ କଲେ ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ହୋଇପାରେ । ତେବେ ଆସନ୍ତୁ ଜାଣିବା ଏହା କାହିଁକି ଏତେ ବିପଦପୂର୍ଣ୍ଣ ଏବଂ ଏଆଇଆଇଏମ୍‌ଏସ୍ ଡାକ୍ତରମାନେ ଏହା ବିଷୟରେ କ'ଣ ଚେତାବନୀ ଦେଇଛନ୍ତି । ଷ୍ଟେରଏଡ୍ ଟାବଲେଟ୍, ଇଞ୍ଜେକ୍ସନ୍, କ୍ରିମ୍ ଏବଂ ଆଖି ଡ୍ରପ୍ ଆକାରରେ ବ୍ୟବହାର କରାଯାଏ। କିନ୍ତୁ ଦୀର୍ଘ ସମୟ ଧରି କିମ୍ବା ଡାକ୍ତରଙ୍କ ପରାମର୍ଶ ବିନା ସେଗୁଡ଼ିକୁ ବ୍ୟବହାର କରିବା ଦ୍ୱାରା ଗୁରୁତର ଚକ୍ଷୁ ରୋଗ ହୋଇପାରେ । ଏଆଇଆଇଏମ୍‌ଏସ୍ ଡାକ୍ତରମାନେ କହିଛନ୍ତି ଯେ, ଥଣ୍ଡା ପାଇଁ ଇନହେଲର, ନାକର ଆଲର୍ଜି ପାଇଁ ନାଜାଲ୍ ସ୍ପ୍ରେ କିମ୍ବା ଚର୍ମ ସଂକ୍ରମଣ ପାଇଁ ଦିଆଯାଉଥିବା କ୍ରିମରେ ଷ୍ଟେରଏଡ୍ ରହିଥାଏ । ଏଗୁଡ଼ିକର ଦୀର୍ଘକାଳୀନ ବ୍ୟବହାର ଆଖିର ଅପ୍ଟିକ୍ ସ୍ନାୟୁକୁ କ୍ଷତି ପହଞ୍ଚାଇପାରେ । ଏହି ସ୍ନାୟୁଗୁଡ଼ିକ ଆଖିକୁ ମସ୍ତିଷ୍କ ସହିତ ସଂଯୋଗ କରିଥାନ୍ତି । ଯଦି ଏହି ସ୍ନାୟୁ ଗୁଡ଼ିକ କ୍ଷତିଗ୍ରସ୍ତ ହୁଏ, ତେବେ ଆପଣଙ୍କ ଦୃଷ୍ଟିଶକ୍ତି ପୁଣି ଥରେ ଫେରେଇ ଅଣାଯାଇପାରିବନାହିଁ। ଏଆଇଆଇଏମ୍‌ଏସ୍ ଗ୍ଲୁକୋମା ୟୁନିଟ୍‌ର ମୁଖ୍ୟ ପ୍ରଫେସର ଡକ୍ଟର ତନୁଜ ଦାଦା କହିଛନ୍ତି ଯେ, ଆଖିରେ ଚାପ ବୃଦ୍ଧି ପାଇବା ଦ୍ୱାରା ଅପ୍ଟିକ୍ ସ୍ନାୟୁ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଯାହା ଗ୍ଲୁକୋମା ସୃଷ୍ଟି କରିପାରେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ରୋଗର ଆରମ୍ଭରେ କୌଣସି ଲକ୍ଷଣ ଦେଖାଯାଏ ନାହିଁ। ଯେତେବେଳେ ରୋଗୀର ଗୋଟିଏ ଆଖି ସମ୍ପୂର୍ଣ୍ଣ ଭାବରେ ଦୃଷ୍ଟିଶକ୍ତି ହରାଇଥାଏ, ସେତେବେଳେ ଏହି ରୋଗ ବିଷୟରେ ଜଣା ପଡିଥାଏ । ଡାକ୍ତରମାନଙ୍କ ମତ ଅନୁଯାୟୀ, ଅତ୍ୟଧିକ ମାନସିକ ଚାପ ଆଖି ଉପରେ ଚାପ ବୃଦ୍ଧି କରିଥାଏ । ଅଧିକ ଚାପ ଯୋଗୁଁ ଶରୀରରେ କର୍ଟିସୋଲ୍ ହରମୋନ୍ ବୃଦ୍ଧି ପାଏ। ଏହା ଆଖିର ଚାପ ବୃଦ୍ଧି କରେ, ଯାହା ମୋତିଆବିନ୍ଦୁ ହେବାର ଆଶଙ୍କା ବଢ଼ାଇଥାଏ । ସାଧାରଣତଃ, ଆଖିର ଚାପ ୧୦-୨୧ ଏମ୍‌ଏମ୍‌ଏଚ୍‌ଜି ଥାଏ, କିନ୍ତୁ ମାନସିକ ଚାପ ଏହାକୁ ଆହୁରି ବଢାଇ ଦେଇଥାଏ । ତେଣୁ ସମସ୍ତେ ଏହି ଔଷଧ ଏବଂ ମାନସିକ ଚାପରୁ ଦୂରେଇ ରହିବା ଉଚିତ।

# ପାଚନ କ୍ରିୟାକୁ ସୁଦୃଢ କରିବ ଲବଙ୍ଗ



ଆମ ଦେଶରେ ଖାଦ୍ୟ ପରେ ମାଉଥ ଫ୍ରେସନର ଭାବରେ ଅନେକ ଜିନିଷ ଖିଆଯାଏ, ଯେଉଁଥିରେ ପାନମହୁରି, ଗୁଜୁରାତି ଏବଂ ଲବଙ୍ଗ ପ୍ରମୁଖ। ଏଥିମଧ୍ୟରୁ, ଖାଇବା ପରେ ଲବଙ୍ଗକୁ ଚୋବାଇବାକୁ ବିଶେଷ ଭାବରେ ପରାମର୍ଶ ଦିଆଯାଏ। ଏହା ପଛରେ ଅନେକ ବୈଜ୍ଞାନିକ ଏବଂ ଆୟୁର୍ବେଦିକ କାରଣ ଲୁଚି ରହିଛି । ଲବଙ୍ଗ କେବଳ ଶ୍ୱାସକୁ ସତେଜ କରେ ନାହିଁ ବରଂ ପାଚନ କ୍ରିୟାକୁ ମଧ୍ୟ ମଜବୁତ କରିବା, ଦାନ୍ତ ସମସ୍ୟା ଦୂର କରିବା ଏବଂ ଆପଣଙ୍କ ସ୍ୱାସ୍ଥ୍ୟକୁ ଲାଭ ଦେବାରେ ମଧ୍ୟ ସହାୟକ ହୋଇଥାଏ । ଅଧ୍ୟୟନ ପ୍ରକାଶ ପାଇଛି ଯେ,୨୦୧୪ ମସିହାରେ ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁଯାୟୀ, ଲବଙ୍ଗରେ ଆଣ୍ଟି-ବ୍ୟାକ୍ଟେରିଆଲ୍, ଆଣ୍ଟି-ଫଙ୍ଗାଲ୍ ଏବଂ ଆଣ୍ଟି-ଇନ୍ଫ୍ଲାମେଟରୀ ଗୁଣ ରହିଛି । ଏହା ସହିତ, ଏଥିରେ ୟୁଜେନୋଲ୍ ନାମକ ଏକ ବିଶେଷ ଉପାଦାନ ରହିଛି, ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରିବା ସହ ପାଟିରୁ ଦୁର୍ଗନ୍ଧ ଦୂର କରିଥାଏ। ଏହି କାରଣରୁ ଲବଙ୍ଗ କେବଳ ଖାଦ୍ୟରେ ନୁହେଁ ବରଂ ଆୟୁର୍ବେଦିକ ଏବଂ ଘରୋଇ ଉପଚାରରେ ମଧ୍ୟ ବ୍ୟବହୃତ ହୁଏ। ଲବଙ୍ଗ କେବଳ ଏକ ମସଲା ନୁହେଁ ବରଂ ଏକ ଔଷଧ ମଧ୍ୟ, ଯାହା ସ୍ୱାସ୍ଥ୍ୟ ପାଇଁ ଅନେକ ଦିଗରେ ଲାଭପ୍ରଦ ହୋଇଥାଏ । ଖାଦ୍ୟ ଖାଇବା ପରେ ଲବଙ୍ଗ ଚୋବାଇଲେ ପାଚନ ଶକ୍ତି ମଜବୁତ ହୁଏ । ଏହା ଗ୍ୟାସ୍, ବଦହଜମୀ ଭଳି ସମସ୍ୟାକୁ କମ୍ କରିବାରେ ସାହାଯ୍ୟ କରେ । ଲବଙ୍ଗରେ ଥିବା ଉପାଦାନଗୁଡ଼ିକ ପାଚନ କ୍ରିୟାକୁ ସକ୍ରିୟ କରିଥାଏ, ଯାହାଦ୍ୱାରା ଖାଦ୍ୟ ଶୀଘ୍ର ଏବଂ ସହଜରେ ହଜମ ହୋଇଥାଏ। ଲବଙ୍ଗରେ ଥିବା ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ପାଟିରେ ଥିବା ବ୍ୟାକ୍ଟେରିଆକୁ ଦୂର କରିଥାଏ, ଯାହା ଦ୍ୱାରା ପାଟିର ଦୁର୍ଗନ୍ଧ ଦୂର ହୋଇଥାଏ। ଏହା ଏକ ପ୍ରାକୃତିକ ମାଉଥ ଫ୍ରେସନର ଭାବରେ କାର୍ଯ୍ୟ କରେ ଏବଂ ଦୀର୍ଘ ସମୟ ପାଇଁ ପାଟିକୁ ସତେଜ ରଖେ। ଲବଙ୍ଗରେ ୟୁଜେନୋଲ୍ ନାମକ ଏକ ଉପାଦାନ ଥାଏ, ଯାହା ଦାନ୍ତ ବିନ୍ଧା ଏବଂ ମାଢ଼ି ଫୁଲା କମ୍ କରିବାରେ ସାହାଯ୍ୟ କରେ। ତେଣୁ ଯୁଗ ଯୁଗ ଧରି ଦାନ୍ତର ଯତ୍ନ ପାଇଁ ଲବଙ୍ଗ ବ୍ୟବହାର ହୋଇଆସୁଛି । ଲବଙ୍ଗରେ ଆଣ୍ଟି-ଭାଇରାଲ୍ ଏବଂ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ଥାଏ, ଯାହା ଗଳା ଯନ୍ତ୍ରଣା, ଥଣ୍ଡା ଏବଂ କାଶରୁ ମୁକ୍ତି ଦିଏ। ବିଶେଷକରି ଶୀତ ଋତୁରେ, ଲବଙ୍ଗ ଚୋବାଇଲେ ଗଳାରେ ଜମା ହୋଇଥିବା କଫକୁ ସହଜରେ ବାହାର କରିବାରେ ସାହାୟକ ହୋଇଥାଏ । ଅନେକ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ, ଲବଙ୍ଗ ସେବନ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏଥିରେ ଏପରି ଉପାଦାନ ଅଛି ଯାହା ଶରୀରରେ ଇନସୁଲିନ୍‌ର ଗତିକୁ ବୃଦ୍ଧି କରେ, ଯାହା ମଧୁମେହ ରୋଗୀଙ୍କ ପାଇଁ ବେଶ୍ ଲାଭଦାୟକ । ଲବଙ୍ଗରେ ଆଣ୍ଟି ଅକ୍ସିଡେଣ୍ଟ ଭରପୁର ହୋଇ ରହିଥାଏ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ । ଯାହା ଆପଣଙ୍କୁ ବିଭିନ୍ନ ପ୍ରକାରର ସଂକ୍ରମଣ ତଥା ରୋଗରୁ ରକ୍ଷା କରିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ଖାଇସାରିବା ପରେ ୧ରୁ୨ଟି ଲବଙ୍ଗ ଚୋବାଇବା ଅତ୍ୟନ୍ତ ଲାଭଦାୟକ । ଏହାକୁ ଧିରେ ଧରେ ଚୋବାନ୍ତୁ ଏବଂ ଏହାର ରସକୁ ସେବନ କରନ୍ତୁ । ଯଦି ଏହିପରି ଭାବରେ ଆପଣ ପ୍ରତିଦିନ ଲବଙ୍ଗ ଖାଆନ୍ତିସ ତେବେ ଏହା ଆପଣଙ୍କ ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରିବା ସହ ଅନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦୂର କରିଥାଏ।

# ଗ୍ଲୁକୋମା: 'ଦୃଷ୍ଟିଶକ୍ତିର ନିରବ ଚୋର'



ଗ୍ଲୁକୋମା ହେଉଛି ଏକ ଦୃଷ୍ଟିଶକ୍ତି ହାନୀକାରକ ରୋଗ । ବିଶ୍ୱବ୍ୟାପୀ ଆକଳନ ଅନୁଯାୟୀ ଗ୍ଲୁକୋମା ରୋଗୀଙ୍କ ସଂଖ୍ୟା ପ୍ରାୟ ୮୦ ନିୟୁତ । ସେମାନଙ୍କ ମଧ୍ୟରୁ ପାଖାପାଖି ୫୦% ରୋଗୀ ଏହି ରୋଗ ବିଷୟରେ କିଛି ଜାଣନ୍ତି ନାହିଁ ଏବଂ ଅନୁନ୍ନତ ଦେଶମାନଙ୍କରେ ଏହି ସଂଖ୍ୟା ଆହୁରି ଅଧିକ ହୋଇପାରେ । ଏହାର କାରଣ ହେଉଛି ଗ୍ଲୁକୋମା ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଲକ୍ଷଣହୀନ । ଯଦି ଏହାର ଚିକିତ୍ସା କରାନଯାଏ ତେବେ ଗ୍ଲୁକୋମା ଅନ୍ଧତ୍ୱର କାରଣ ହୋଇପାରେ । ଆଖିର ଚାପ ବୃଦ୍ଧି ସହିତ ଜଡ଼ିତ ଚକ୍ଷୁ ସମସ୍ୟା ଗ୍ଲୁକୋମାକୁ 'ଦୃଷ୍ଟିଶକ୍ତିର ନିରବ ଚୋର' ବୋଲି କୁହାଯାଏ କାରଣ ଥରେ ଏଥିଯୋଗୁଁ ହଜିଯାଇଥିବା ଦୃଷ୍ଟିଶକ୍ତି ଆଉ ଫେରି ପାରିବ ନାହିଁ । ଗ୍ଲୁକୋମା ହେଉଛି ଅପରିବର୍ତ୍ତନୀୟ ଅନ୍ଧତ୍ୱର ଏକ ଅତି ସାଧାରଣ କାରଣ। ୪୦ ବର୍ଷରୁ ଅଧିକ ବୟସର ପ୍ରତି ୨୦୦ ଜଣଙ୍କ ମଧ୍ୟରୁ ଜଣେ ଏବଂ ୮୦ ବର୍ଷରୁ ଅଧିକ ବୟସର ପ୍ରତି ୮ ଜଣଙ୍କ ମଧ୍ୟରୁ ଜଣେ ଗ୍ଲୁକୋମା ରୋଗରେ ପୀଡ଼ିତ । ଉପଲବ୍ଧ ପରିସଂଖ୍ୟାନ ଅନୁଯାୟୀ ୧.୧୨ କୋଟି ଭାରତୀୟ (ଭାରତୀୟ ଜନସଂଖ୍ୟାର ୪.୫%) ଗ୍ଲୁକୋମା ରୋଗରେ ପୀଡ଼ିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧ ଲକ୍ଷ ଲୋକ ଗ୍ଲୁକୋମା କାରଣରୁ ଦୃଷ୍ଟିଶକ୍ତି ହରାଇଛନ୍ତି । ଯଦିଓ ଗ୍ଲୁକୋମା ଏକ ସମ୍ଭାବ୍ୟ ଦୃଷ୍ଟିଶକ୍ତି ହାନୀକାରକ ରୋଗ, କିନ୍ତୁ ମନେ ରଖିବାକୁ ପଡିବ ଯେ ଗ୍ଲୁକୋମାରେ ପୀଡ଼ିତ ଅଧିକାଂଶ ରୋଗୀ ଦୃଷ୍ଟିଶକ୍ତି ହରାଇବେ ନାହିଁ । ଶୀଘ୍ର ଗ୍ଲୁକୋମା ଚିହ୍ନଟ କରିବା । କେବଳ ନିୟମିତ ପରୀକ୍ଷଣ ପ୍ରାରମ୍ଭିକ ଭାବେ ରୋଗ ନିର୍ଣ୍ଣୟ କରିଥାଏ ଏବଂ ଦୃଷ୍ଟିଶକ୍ତି ହାନୀ ହେବାର ଆଶଙ୍କାକୁ ପ୍ରତିରୋଧ କରେ । ଯେଉଁମାନଙ୍କର ଉଚ୍ଚ ସମୀପ ଦୃଷ୍ଟିଦୋଷ ରୋଗ (ଦୂର ଜିନିଷ ଦେଖିବା ପାଇଁ ମୋଟା ଚଷମା ବ୍ୟବହାର), ମଧୁମେହ ରୋଗ ରହିଛି, ଯେଉଁମାନେ ୪-୬ ସପ୍ତାହରୁ ଅଧିକ ସମୟ ଧରି ଷ୍ଟେରଏଡ୍ ବ୍ୟବହାର କରିଛନ୍ତି ଏବଂ ଯେଉଁମାନଙ୍କର ଗ୍ଲୁକୋମା ରୋଗ ଥିବାର ପାରିବାରିକ ଇତିହାସ ରହିଛି ସେମାନଙ୍କୁ ଗ୍ଲୁକୋମା ହେବାର ଆଶଙ୍କା ଥାଏ । ବିଶ୍ୱ ଗ୍ଲୁକୋମା ଆସୋସିଏସନ ଅନୁଯାୟୀ ନିୟମିତ ଚକ୍ଷୁ ପରୀକ୍ଷା କରାଇ ନେବା ଭଲ । ଯଦି ଆପଣଙ୍କ ବୟସ ୪୦ ବର୍ଷରୁ କମ୍ ତେବେ ପ୍ରତି ୨-୪ ବର୍ଷରେ ଆଖି ପରୀକ୍ଷା କରାନ୍ତୁ । ଯଦି ଆପଣଙ୍କ ବୟସ ୪୦-୬୦ ବର୍ଷ ମଧ୍ୟରେ ଥାଏ ତେବେ ପ୍ରତି ୨-୩ ବର୍ଷରେ କରାନ୍ତୁ। ଯଦି ଆପଣଙ୍କ ବୟସ ୬୦ ବର୍ଷରୁ ଅଧିକ ତେବେ ପ୍ରତି ୧-୨ ବର୍ଷରେ କରାନ୍ତୁ । ପ୍ରାରମ୍ଭିକ ଚିହ୍ନଟ ଫଳରେ ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ ଦୃଷ୍ଟିଶକ୍ତି ବଜାୟ ରହିବାର ଅଧିକ ସମ୍ଭାବନା ସୁନିଶ୍ଚିତ ହୋଇଥାଏ । ଗ୍ଲୁକୋମା - ଜନିତ ୮୦% ଅନ୍ଧତ୍ୱକୁ ଠିକ୍ ସମୟରେ ଚିହ୍ନଟ କରି ଚିକିତ୍ସା କରାଗଲେ ରୋକାଯାଇପାରିବ । ତଥାପି ଗ୍ଲୁକୋମା ଯୋଗୁଁ ସମଗ୍ର ବିଶ୍ୱରେ ପ୍ରାୟ ୭ ନିୟୁତ ଲୋକ ଦୃଷ୍ଟିହୀନ ହୁଅନ୍ତି ଏବଂ ସେମାନଙ୍କ ମଧ୍ୟରୁ ୬୬% ମହିଳା ବୋଲି ବିଶ୍ୱ ଗ୍ଲୁକୋମା ଆସୋସିଏସନ ସୂତ୍ରରୁ ଜଣାପଡ଼ିଛି । ଏହାର କାରଣ ହେଉଛି ସଚେତନତା ଅଭାବରୁ ୯୦% ଗ୍ଲୁକୋମା ମାମଲା ଚିହ୍ନଟ ହୋଇପାରୁନାହିଁ । ଗ୍ଲୁକୋମା ରୋଗୀଙ୍କୁ ସାଧାରଣତଃ ଆଇ ଡ୍ରପ୍ ବ୍ୟବହାର କରିବାକୁ ପଡିଥାଏ । ଦୃଷ୍ଟିଶକ୍ତି ବଜାୟ ରଖିବା ପାଇଁ ନିୟମିତ ଭାବେ ଆଇ ଡ୍ରପ୍ ବ୍ୟବହାର କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ମନେ ରଖିବା ଉଚିତ୍ ଯେ ସୁପାରିସ କରାଯାଇଥିବା ଔଷଧକୁ ବ୍ୟବହାର ନ କରିବା ଦ୍ୱାରା ଦୃଷ୍ଟି ଶକ୍ତି ହରାଇବାର ଆଶଙ୍କା ରହିଥାଏ । ସେହିଭଳି ଚକ୍ଷୁ ବିଶେଷଜ୍ଞଙ୍କ ପାଖରେ ନିୟମିତ ଚକ୍ଷୁ ଯାଞ୍ଚ କରାଇବା ଜରୁରୀ । ଘରେ ଉପଯୁକ୍ତ ପରୀକ୍ଷା କରାଯାଇ ନ ପାରିଲେ, ଡାକ୍ତରଖାନାରେ ଯାଞ୍ଚ କରାଇ ନେବା ହିଁ ଦୃଷ୍ଟିଶକ୍ତିର ସ୍ଥିତି ଓ ଚିକିତ୍ସାର ଫଳପ୍ରଦତା ଜାଣିବାର ଏକମାତ୍ର ଉପାୟ ।

# ସ୍ୱାସ୍ଥ୍ୟଜନିତ ସମସ୍ୟା ଦୂର କରିବ ଷ୍ଟୋନ୍



ଧନ ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦୂର କରିବା ପାଇଁ ରଙ୍ଗବେରଙ୍ଗର ଷ୍ଟୋନ୍‌ମାନ ବ୍ୟବହାର କରାଯାଇଥାଏ। ଏବର ନୁହେଁ ବହୁ ପୁରାତନ କାଳରୁ ଏହି ପରମ୍ପରା ରହି ଆସିଛି। ରାଜା-ମହାରାଜାମାନେ ନିଜକୁ ସୁସ୍ଥ ରଖିବା ପାଇଁ ଏହି ଷ୍ଟୋନ୍ ବ୍ୟବହାର କରୁଥିଲେ। ବିଭିନ୍ନ ରଙ୍ଗର ଷ୍ଟୋନ୍‌ର ଭିନ୍ନ ପ୍ରକାରର ନାମ ରହିଛି। ହେଲେ କୋରାଲ ଓ ପର୍ଲକୁ ଛାଡିଦେଲେ ଅନ୍ୟ ସମସ୍ତ ଷ୍ଟୋନ୍ ପ୍ରେସର ଓ ହିଟ୍‌ରେ ତିଆରି କରାଯାଇଥାଏ। ଯାହାକି ଶରୀରର ଏନର୍ଜିକୁ ଶକ୍ତ ରଖିବାରେ ସହାୟକ ହୋଇଥାଏ। ଏହା ସାଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟାକୁ ମଧ୍ୟ ଏହା ଅତି ସହଜରେ ଏଡାଇ ଦେଇଥାଏ।

**ଏମୋଥିଷ୍ଟ:**
ପର୍ପଲ ରଙ୍ଗର ଏହି ଷ୍ଟୋନ୍ ଶକ୍ତି, ସାହସ ଏବଂ ମନରେ ଶାନ୍ତି ଆଣିବା ପାଇଁ ପିନ୍ଧା ଯାଇଥାଏ। ଏହା ସାଙ୍ଗକୁ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ପାଇବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଇଥାଏ। କୁହାଯାଏ ଏମୋଥିଷ୍ଟ ଷ୍ଟୋନ୍ ପିନ୍ଧିବା ଦ୍ୱାରା ଯେ କୌଣସି ପ୍ରକାର ଦୁଶ୍ଚିନ୍ତା ଏବଂ ଖରାପ ଅଭ୍ୟାସକୁ ଅତି ସହଜରେ ନିୟନ୍ତ୍ରଣ କରାଯାଇ ପାରେ। ଅଧିକାଂଶ ଲୋକ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଏହି ଷ୍ଟୋନ୍ ପିନ୍ଧିଥାନ୍ତି।

**ସାଇଟ୍ରିନ୍:** ସୁନ୍ଦର ଦେଖାଯାଉଥିବାରୁ ଅଧିକାଂଶ ଲୋକ ଏହାକୁ ପିନ୍ଧିଥାନ୍ତି । ହଳଦିଆ ରଙ୍ଗର ଏହି ଷ୍ଟୋନ୍‌କୁ ସନ୍‌ସାଇନ୍ ଷ୍ଟୋନ୍ ମଧ୍ୟ କୁହାଯାଏ। କାରଣ ସୂର୍ଯ୍ୟଙ୍କର ପଜିଟିଭ୍ ଏନର୍ଜି ଏଥିରେ ରହିଥିବା କୁହାଯାଏ; ଫଳରେ ଦୁଃଖ, କଷ୍ଟ ସବୁକିଛି ଦୂର ହୋଇଥାଏ। ସାଇଟ୍ରିକ୍ ଷ୍ଟୋନ୍ ପିନ୍ଧିବା ଦ୍ୱାରା ଭଜମ ଶକ୍ତି ବୃଦ୍ଧି ହେବା ସାଙ୍ଗକୁ ନିଦ ଜନିତ ସମସ୍ତ ସମସ୍ୟା ଦୂର ହୋଇଥାଏ।

**ପର୍ଲ:** ବିଭିନ୍ନ ଆକୃତିର ମୋତି ମିଳିଥାଏ। ପର୍ଲ ଶରୀରର ସନ୍ତୁଳନ ରକ୍ଷା କରିବା ସାଙ୍ଗକୁ ସୁଖ, ଶାନ୍ତି ଏବଂ ମନରେ ପଜିଟିଭ୍ ଚିନ୍ତାଧାରା ସୃଷ୍ଟି ହୋଇଥାଏ। ହଜମ ଶକ୍ତି, ଫର୍ଟିଲିଟି ଏବଂ ହାର୍ଟ ଜନିତ ସମସ୍ତ ସମସ୍ୟା ଦୂର କରିବା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପର୍ଲର ପାଉଡର ମଧ୍ୟ ବ୍ୟବହାର କରାଯାଉଛି। ସ୍କିନ୍ ଜନିତ ସମସ୍ୟାରୁ ରକ୍ଷା ପାଇବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଏ।

**ଏକ୍ୱାମରୀନ୍:** ଲାଇଟ୍ ନୀଳ ରଙ୍ଗର ଚକ୍‌ମକ୍ କରୁଥିବା ଷ୍ଟୋନ୍ ହେଉଛି ଏକ୍ୱାମରୀନ୍। ଦେଖିବା ପାଇଁ ଏହା ଯେତିକି ସୁନ୍ଦର, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭ ଦାୟକ। ଆଖି ଓ ଦାନ୍ତ ଜନିତ ସମସ୍ୟା ଦୂର କରିବା ପାଇଁ ଏହାକୁ ବ୍ୟବହାର କରାଯାଏ। କୌଣସି କାମକୁ ଧ୍ୟାନର ସହିତ କରିବା ପାଇଁ ଏହି ଷ୍ଟୋନ୍‌କୁ ଅଧିକାଂଶ ଲୋକ ପିନ୍ଧିଥାନ୍ତି।

**ଏମରଲ୍ଡ:** ସବୁଜ ରଙ୍ଗର ଏହି ଷ୍ଟୋନ୍ ଦେଖିବା ପାଇଁ ଯେତିକି ସୁନ୍ଦର ତାର ଗୁଣ ମଧ୍ୟ ଠିକ୍ ସେମିତି। ଏହାକୁ ପିନ୍ଧିବା ଦ୍ୱାରା ମୁଣ୍ଡ ଥଣ୍ଡା ରହିଥାଏ। ଆଖି, ପିଠି ଏବଂ ହାର୍ଟ ଜନିତ ସମସ୍ୟାରୁ ଏହା ରକ୍ଷା କରିଥାଏ।

**ଗାର୍ନେଟ:** ନାଲି ରଙ୍ଗର ଏହି ସୁନ୍ଦର ଷ୍ଟୋନ୍‌କୁ ପିନ୍ଧିଲେ ସ୍ୱାସ୍ଥ୍ୟ ଜନିତ ସମସ୍ତ ସମସ୍ୟା ଦୂର ହୋଇଥାଏ ବୋଲି କୁହାଯାଏ। ଶାରୀରିକ ଏବଂ ମାନସିକ ସୁସ୍ଥତା ସାଙ୍ଗକୁ ଗାର୍ନେଟ ଆତ୍ମନିର୍ଭରଶୀଳତା ବୃଦ୍ଧି କରିଥାଏ। ଦୁଃଶ୍ଚିନ୍ତା ମଧ୍ୟ ଦୂର ହୋଇଥାଏ।

**କାରଲ:** ଲାଲ୍ ଏବଂ କମଳା ରଙ୍ଗର ମିଶ୍ରିତ ଏହି ଷ୍ଟୋନ୍ ପିନ୍ଧିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ। ତେବେ ଅଧିକାଂଶ ଲୋକ ଏହି ଷ୍ଟୋନ୍‌କୁ ପିନ୍ଧିବାକୁ ପସନ୍ଦ କରିଥାନ୍ତି। କୁହାଯାଏ କାରଲ ପିନ୍ଧିବା ଦ୍ୱାରା ଶରୀରର ସମସ୍ତ କାର୍ଯ୍ୟ ପ୍ରକ୍ରିୟା ନିୟନ୍ତ୍ରଣ ମଧ୍ୟରେ ରହିଥାଏ।

# ଆଇପିଏଲ-୨୦୨୫ : ଗୁଜରାଟକୁ ୧୧ ରନରେ ହରାଇଲା ପଞ୍ଜାବ

**ଅହମ୍ମଦାବାଦ**

ଅହମ୍ମଦାବାଦରେ ମଙ୍ଗଳବାର ଖେଳାଯାଇଥିବା ଆଇପିଏଲର ଏକ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସକୁ ୧୧ ରନରେ ପରାସ୍ତ କରିଛି ପଞ୍ଜାବ କିଙ୍ଗ୍ସ। ୨୪୪ ରନର ପିଛା କରୁଥିବା ଗୁଜରାଟ ୨୦ ଓଭରରେ ୫ ୱିକେଟ ହରାଇ ୨୩୨ ହିଁ କରିପାରିଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ୭୪ ରନ ଓ ଶୁଭମନ ଗିଲ୍ ୩୩ ରନ କରିଥିଲେ। ସେହିପରି ଜସ୍ ବଟଲର ୫୪ ରନ ଓ ସେରଫେନ ରଦରଫୋର୍ଡ ୪୬ ରନ କରିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୨ଟି ୱିକେଟ ନେଇଥିବାବେଳେ ମାର୍କୋ ଜାନସେନ ଓ ଗ୍ଲେନ ମାକ୍ସୱେଲ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ଏହି ମ୍ୟାଚରେ ଗୁଜରାଟ ଟସ୍ ଜିତି ପଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଦଳ ଆରମ୍ଭରୁ ପ୍ରଭସମିରନଜିତ ସିଂ (୫ ରନ) ୱିକେଟ ହରାଇଥିଲେ ବି ପ୍ରିୟାଂଶ ଆର୍ଯ୍ୟା ଓ ଶ୍ରେୟସ ଆୟର ଲଢୁଆ ବ୍ୟାଟିଂ କରି ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ। ଶ୍ରେୟସ ୪୨ ବଲରେ ୯୭ ରନ କରିଥିବାବେଳେ ଆର୍ଯ୍ୟା ୪୭ ରନ କରିଥିଲେ। ଅର୍ଥାତ ଶ୍ରେୟସ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିବାବେଳେ ଆର୍ଯ୍ୟା ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଶେଷ ବେଳକୁ ମାର୍କସ ଷ୍ଟୋଇନିସ୍ ୨୦ ରନ କରିଥିବାବେଳେ ଶଶାଙ୍କ ସିଂ ୪୪ ରନ କରିଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୪୩ ରନ କରିଥିଲା। ଗୁଜରାଟ ପକ୍ଷରୁ ସାଇ କିଶୋର ୩ଟି ୱିକେଟ ନେଇଥିବାବେଳେ ରବାଡା ଓ ରଶିଦ ଖାଁ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।



# ଇମ୍ପାକ୍ଟ ପ୍ଲେୟାର ନିୟମ ଉପରେ ଖୋଲାଖୋଲି ମତ ରଖିଲେ ଧୋନୀ

**ନୂଆଦିଲ୍ଲୀ**

ତାଙ୍କ ଅଧିନାୟକତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସକୁ ୫ଥର ଚାମ୍ପିୟନ କରିଥିବା ଏମଏସ ଧୋନି ଇମ୍ପାକ୍ଟ ପ୍ଲେୟାର ନିୟମ ଉପରେ ଖୋଲାଖୋଲି ଭାବରେ ନିଜର ମତାମତ ପ୍ରକାଶ କରିଛନ୍ତି। ଏହି ନିୟମ ଲାଗୁ ହେବା ପରଠାରୁ ବିବାଦ ଲାଗି ରହିଛି। ଅନେକ ଏହାର ସପକ୍ଷରେ ଅଛନ୍ତି, ଯେତେବେଳେ ଅନେକ ବିଶ୍ୱାସ କରନ୍ତି ଯେ ଏହା ଅଲରାଉଣ୍ଡର ଖେଳାଳିମାନଙ୍କୁ କ୍ଷତି ପହଞ୍ଚାଇଛି। ଧୋନି ବିଶ୍ୱାସ କରନ୍ତି ଯେ ଆଇପିଏଲରେ ଜଣେ ଅତିରିକ୍ତ ଖେଳାଳି ଖେଳିବା ଯୋଗୁଁ ବଡ଼ ସ୍କୋର ହେଉନାହିଁ, ବରଂ ଖେଳାଳିଙ୍କ ପରିବର୍ତ୍ତିତ ମାନସିକତା ଯୋଗୁଁ ହେଉଛି। ସେ ବିଶ୍ୱାସ କରନ୍ତି ଯେ ଇମ୍ପାକ୍ଟ ପ୍ଲେୟାର ନିୟମ ତାଙ୍କୁ କୌଣସି ଲାଭ ଦେଇନାହିଁ। ସେ ନିଜକୁ ଜଣେ ପ୍ରଭାବଶାଳୀ ଖେଳାଳି ବୋଲି ମଧ୍ୟ ଭାବୁନାହାନ୍ତି।



ଜିଓ-ହଟ୍‌ଷ୍ଟାରରେ 'ଦି ଏମଏସଡି ଏକ୍ସପେରିଏନ୍ସ' ଭାଷଣ ଦେଇ ଏମ.ଏସ ଧୋନି କହିଥିଲେ, 'ଯେତେବେଳେ ଇମ୍ପାକ୍ଟ ପ୍ଲେୟାର ନିୟମ ପ୍ରଚଳନ କରାଯାଇଥିଲା, ମୁଁ ଭାବିଥିଲି ଯେ ସେହି ସମୟରେ ଏହି ନିୟମର କୌଣସି ଆବଶ୍ୟକତା ନାହିଁ। ଏହି ନିୟମ କେତେବେଳେ ମୋତେ ସାହାଯ୍ୟ କରେ କିନ୍ତୁ ଅଧିକାଂଶ ସମୟରେ ଏହା ହୁଏ ନାହିଁ। ମୁଁ ଏବେ ବି ୱିକେଟକିପିଂ କରେ ତେଣୁ ମୁଁ ଇମ୍ପାକ୍ଟ ପ୍ଲେୟାର ନୁହେଁ। ମୋତେ ଫିଲ୍ଡିଂରେ ମଧ୍ୟ ଆସିବାକୁ ପଡ଼ିବ।'

ଏମଏସ ଧୋନି ମଧ୍ୟ ବିଶ୍ୱାସ କରନ୍ତି ଯେ ଆଇପିଏଲରେ ଏବେ ବଡ଼ ସ୍କୋର ହେଉଛି ଏବଂ ଏହାର କାରଣ ଇମ୍ପାକ୍ଟ ପ୍ଲେୟାର ନିୟମ ନୁହେଁ। ସେ କହିଥିଲେ, 'ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଇମ୍ପାକ୍ଟ ପ୍ଲେୟାର ନିୟମ ଯୋଗୁଁ ଆଇପିଏଲରେ ବଡ଼ ସ୍କୋର ହେଉଛି।' କିନ୍ତୁ ମୋ ମତରେ ଖେଳାଳିମାନଙ୍କ ଆରାମଦାୟକ ମାନସିକତା ଏବଂ ପରିସ୍ଥିତି ଯୋଗୁଁ ଏହା ଘଟୁଛି। ଜଣେ ଅତିରିକ୍ତ ବ୍ୟାଟ୍‌ସମ୍ୟାନ ଯୋଗୁଁ ନୁହେଁ ବରଂ ମାନସିକତା ଯୋଗୁଁ ସେ ଏତେ ରନ କରୁଛନ୍ତି। ଦଳଗୁଡ଼ିକ ଜଣେ ଅତିରିକ୍ତ ବ୍ୟାଟ୍‌ସମ୍ୟାନ ଥିବାରୁ ଆରାମଦାୟକ, ତେଣୁ ବ୍ୟାଟ୍‌ସମ୍ୟାନମାନେ ଅଧିକ ସତର୍କତାର ସହିତ ଖେଳୁଛନ୍ତି। ତାଙ୍କର ଉପସ୍ଥିତି ଆତ୍ମବିଶ୍ୱାସକୁ ବୃଦ୍ଧି କରେ କାରଣ ଏହା ନୁହେଁ ଯେ ସମସ୍ତ ୪-୫ ଜଣ ବ୍ୟାଟସମ୍ୟାନଙ୍କୁ ଖେଳାଯାଉଛି।

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ପ୍ରତିଦ୍ୱନ୍ଦ୍ୱିତା ବିଷୟରେ ପଚରାଯିବାରୁ ସେ କହିଥିଲେ, 'ଜଣେ ବ୍ୟାଟ୍‌ସମ୍ୟାନ ଭାବରେ, ମୁଁ ସମସ୍ତ ଦଳ ବିପକ୍ଷରେ ରନ କରିବାକୁ ଚାହେଁ।' ଦଳକୁ ମୋର ଆବଶ୍ୟକତା ଅନୁସାରେ ତୁମେ ବ୍ୟାଟିଂ କରିବାକୁ ଚେଷ୍ଟା କର।

ବିପକ୍ଷ ଦଳ ବିଷୟରେ ଏମଏସ ଧୋନି କହିଛନ୍ତି ଯେ ତାଙ୍କ ପାଇଁ କେଉଁ ଦଳ ସାମ୍ନାରେ ଅଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ କିନ୍ତୁ ବିଜୟ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତଥାପି ସେ ଏହା ମଧ୍ୟ ବିଶ୍ୱାସ କରନ୍ତି ଯେ ଯଦି ଦୁଇଟି ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବିଷୟରେ ଆଲୋଚନା ହୁଏ, ତେବେ ଏହା ସମଗ୍ର ଆଇପିଏଲ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ଭଲ କଥା।

ଇମ୍ପାକ୍ଟ ପ୍ଲେୟାର ନିୟମ ଅନୁଯାୟୀ, ଜଣେ ଅଧିନାୟକ ପ୍ଲେଇଂ ୧୧ ସହିତ ୫ ଜଣ ବଦଳ ଖେଳାଳିଙ୍କୁ ବାଛନ୍ତି। ମ୍ୟାଚ୍ ସମୟରେ, ଅଧିନାୟକ ପ୍ଲେଇଂ ୧୧ରୁ ଜଣେ ଖେଳାଳିଙ୍କ ସ୍ଥାନରେ ପ୍ଲେଇଂ ୧୧ରେ ଜଣେ ବଦଳ ଖେଳାଳିଙ୍କୁ ସାମିଲ କରିପାରିବେ। ଅଧିନାୟକ ବୋଲରଙ୍କୁ ବାହାର କରି ଜଣେ ବ୍ୟାଟ୍‌ସମ୍ୟାନଙ୍କୁ ଏବଂ ବ୍ୟାଟ୍‌ସମ୍ୟାନଙ୍କୁ ବାହାର କରି ଜଣେ ବୋଲରଙ୍କୁ ମଧ୍ୟ ଆଣିପାରିବେ।

# ବ୍ରିସବେନକୁ ମିଳିବ ନୂଆ ଉପହାର

**ନୂଆଦିଲ୍ଲୀ**

ବ୍ରିସବେନର ଐତିହାସିକ ଗାବା ଷ୍ଟାଡିୟମକୁ ଭାଙ୍ଗି ଦିଆଯିବ। ଆନୁଷ୍ଠାନିକ ଭାବରେ ବ୍ରିସବେନ କ୍ରିକେଟ ଗ୍ରାଉଣ୍ଡ ଭାବରେ ପରିଚିତ ଏହି ଷ୍ଟାଡିୟମକୁ ୨୦୩୨ ଅଲିମ୍ପିକ ଏବଂ ପାରା-ଅଲିମ୍ପିକ ଗେମ୍ସ ପରେ କ୍ରିକେଟ ଅଷ୍ଟ୍ରେଲିଆ ଦ୍ୱାରା ଭାଙ୍ଗି ଦିଆଯିବାର ଯୋଜନା ରହିଛି। ସେହି ସମୟରେ, ବ୍ରିସବେନକୁ ଏକ ନୂଆ ଷ୍ଟାଡିୟମ ମିଳିବ ଯେଉଁଥିରେ ୬୦ହଜାର ଦର୍ଶକ ମ୍ୟାଚ୍ ଦେଖିବାକୁ ଆସିପାରିବେ। ଏହି ନୂତନ ଷ୍ଟାଡିୟମଟି ୨୦୩୨ ଅଲିମ୍ପିକ୍ସର ମୁଖ୍ୟ ସ୍ଥାନ ହେବ ଏବଂ ଭବିଷ୍ୟତରେ ପ୍ରମୁଖ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିଚାଲିବ। ପ୍ରକୃତରେ, ଯେତେବେଳେ କ୍ରିକେଟ ଅଷ୍ଟ୍ରେଲିଆ ୨୦୨୪ ମସିହାରେ ଆଗାମୀ ସାତ ବର୍ଷ ପାଇଁ ଏହାର ଅନ୍ତର୍ଜାତୀୟ ସ୍ଥାନ ଆବଣ୍ଟନ ଘୋଷଣା କଲା, ସେତେବେଳେ ଗାବା ଆଗାମୀ ଗ୍ରୀଷ୍ମ ଋତୁର ଆଶେସ ସିରିଜ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟ ଗ୍ୟାରେଣ୍ଟି ଦିଆଯାଇଥିଲା। ଏହି ପ୍ରତୀକାତ୍ମକ ଭୂମିକୁ ପୁନଃବିକଶିତ କିମ୍ବା ବଦଳାଯିବା ଉଚିତ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠିବା ମଧ୍ୟରେ,

୨୦୨୧ ମସିହାରେ ୨୦୩୨ ଅଲିମ୍ପିକ୍ସ ପାଇଁ କୁଇନ୍ସଲ୍ୟାଣ୍ଡ ବିଡ ଜିତିବା ପରେ ଗାବାର ଭବିଷ୍ୟତ ନେଇ ଅନିଶ୍ଚିତତା ଦେଖାଦେଇଥିଲା, ଯାହାର ପ୍ରଭାବ କ୍ରୀଡ଼ା ଇଭେଣ୍ଟଗୁଡ଼ିକ ଉପରେ ପଡ଼ିଥିଲା। ବର୍ଷ ବର୍ଷର କଳ୍ପନାଜଳ୍ପନା ଏବଂ ପ୍ରସ୍ତାବ ପରେ, ଏହି ନିଷ୍ପତ୍ତି ଏବେ ପରିସ୍ଥିତିରେ ସ୍ପଷ୍ଟତା ଆଣିଛି।

# ନୂଆସାହି ପ୍ରିମିୟର ଲିଗ୍ : କପାଳେଶ୍ୱର ଚାମ୍ପିଅନ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ସ୍ଥିତ ନୂଆସାହି ଖେଳ ପଡ଼ିଆରେ ୩ଦିନ ବ୍ୟାପୀ ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କଟକ ଓ ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳର ୧୬ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। କପାଳେଶ୍ୱର ଓ କଲ୍ୟାଣପୁର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କପାଳେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୫୮ରନ ସଂଗ୍ରହ କରିଥିବା ବେଳେ ଜବାବରେ କଲ୍ୟାଣପୁର ମାତ୍ର ୩୫ ରନରେ ସିମିତ ରହିଥିଲା। ନୂଆସାହି କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ, ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, କାଉନସିଲର ଆଶୁତୋଷ ଦାସ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ସୁବାସ ବାରିକ, ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କପାଳେଶ୍ୱର ଟିମ୍‌କୁ ଚାମ୍ପିଅନ ଟ୍ରଫି ଓ କଲ୍ୟାଣପୁର ଟିମ୍‌କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ନାରାୟଣ ଦାସ ଓ ବିଶ୍ୱଜିତ ଖଟୁଆ ଖେଳ ପରିଚାଳନା କରିଥିଲେ। ଆସୋସିଏସନର ଦାନିଏଲ ପାଢୀ, ରଜତ୍ ପଣ୍ଡା, ସୁଜିତ କୁମାର ବେହେରା, ସୁଧାନନ୍ଦ ପଣ୍ଡା, ଜ୍ଞାନେନ୍ଦ୍ର ବଳ ପ୍ରମୁଖ ପରିଚାଳନା କରିଥିଲେ।

## ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ '୬୯ତମ ରେଳ ସେବା ପୁରସ୍କାର' ବିତରଣ ଉତ୍ସବ

# ୫୬ ରେଳ କର୍ମଚାରୀଙ୍କୁ ମିଳିଲା ରେଳ ସେବା ପୁରସ୍କାର-୨୦୨୪

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ରେତଙ୍ଗ କଲୋନୀ ରେଲୱେ କଲ୍ୟାଣ ମଣ୍ଡପରେ ୬୯ତମ ରେଳ ସେବା ପୁରସ୍କାର-୨୦୨୪ ବିତରଣ ଉତ୍ସବ ଆୟୋଜିତ କରାଯାଇ କର୍ମଚାରୀମାନଙ୍କୁ ନିଷ୍ଠାପର ପ୍ରୟାସ ଏବଂ କଠିନ ପରିଶ୍ରମକୁ ସମ୍ମାନିତ କରଯାଇଛି। ଏହି ଉତ୍ସବରେ, ମଣ୍ଡଳର ୫୬ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ସମ୍ମାନିତ କରିଥିଲେ। ପୁରସ୍କାର ବିଜେତାମାନଙ୍କୁ ଉତ୍ସାହିତ କରିବା ପାଇଁ ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଗୁର୍ ସିମ୍ରନ୍ କୌର, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍), ପି.କେ. ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତିମଣ୍ଡଳ, ଉପସ୍ଥିତ ଥିଲେ। ଏହି ଅବସରରେ ଏଚ୍.ଏସ୍. ବାଜୱା ନିଜ ଅଭିଭାଷଣରେ ସମସ୍ତ ପୁରସ୍କାର ବିଜେତାଙ୍କୁ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କର ଦୃଢ଼ ପ୍ରତିବଦ୍ଧତା ଏବଂ ପ୍ରଗତିଶୀଳ ମନୋଭାବ ପାଇଁ ଅଭିନନ୍ଦନ ଜଣାଇଥିଲେ। ପୂର୍ବତଟ ରେଳବାଇ ଦ୍ୱାରା ଆୟୋଜିତ ବିଶିଷ୍ଟ ରେଳ ସେବା ପୁରସ୍କାର-୨୪ରେ, ଖୋର୍ଦ୍ଧା ରୋଡ୍ ଡିଭିଜନ, ୬ଟି ଦକ୍ଷତା ସିଲ୍ଡ ହାସଲ କରିଛି ବୋଲି ସେ କହିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ହୋଇଥିବା ସଫଳତାକୁ ଦୃଷ୍ଟିରେ ରଖି ସେ କହିଛନ୍ତି ଯେ, ମାଲ୍ ପରିବହନରେ (ଲୋଡିଂ ଏବଂ ଅନଲୋଡିଂ) ଖୋର୍ଦ୍ଧା ରୋଡ୍ ଡିଭିଜନ, ସମସ୍ତ ଡିଭିଜନ ମଧ୍ୟରେ ପ୍ରଥମ ସ୍ଥାନ ହାସିଲ କରିଛି ଏବଂ ମାଲ୍ ବୋଝେଇ (ଲୋଡିଂ ଦୃଷ୍ଟିରୁ) ଭାରତୀୟ ରେଳବାଇରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ତୃତୀୟ ନମ୍ବରରେ ରହିଛି। ସେ ଆହୁରି ମଧ କହିଛନ୍ତି ଯେ, ଯାତ୍ରୀବାହୀ ଟ୍ରେନ୍ ସେବା ଏବଂ ସୁବିଧା ବ୍ୟତୀତ ୨୦୨୪-୨୦୨୫ ରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଭଳି ନୂତନ ଟ୍ରେନ୍ ପ୍ରଚଳନ କରାଯାଇଛି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଅନେକ ଷ୍ଟେସନର ପୁନଃବିକାଶ କରାଯାଇଛି ଏବଂ ଭିତ୍ତିଭୂମି ବିକାଶକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଏହି ପୁରସ୍କାର ବିତରଣ ସମାରୋହରେ, ମଣ୍ଡଳ ରେଳ ପ୍ରବନ୍ଧକ, ଉଲ୍ଲେଖନୀୟ ରେଳବାଇ ପୁରୁଷ ଏବଂ ମହିଳା କର୍ମଚାରୀଙ୍କୁ, ରେଳ ସେବା ପୁରସ୍କର -୨୦୨୪ ପ୍ରଦାନ କରିଥିଲେ। ଭାରତୀୟ ରେଳବାଇରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳକୁ ସର୍ବୋତ୍ତମ କରିବା ପାଇଁ, ସମାନ ଉତ୍ସର୍ଗୀକୃତ ତଥା ସହଯୋଗରେ କାର୍ଯ୍ୟ କରିବାକୁ ସେ ସମସ୍ତ କର୍ମଚାରୀଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ କର୍ମଚାରୀ, ଶ୍ରୀଜନକୁଞ୍ଜ, ଉତ୍କଳ ପବ୍ଲିକ ସ୍କୁଲ ଏବଂ ଭାରତ ସ୍କାଉଟ୍ସ ଆଣ୍ଡ ପିଲାମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୁରସ୍କାର ବିତରଣ ସମାରୋହରେ ସମସ୍ତ ଶାଖା ଅଧିକାରୀ, ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ। ରେଳ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ଆର୍.ଏନ୍.ଏ. ପରିଡ଼ା, ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




# ଗୋପବନ୍ଧୁ ପ୍ରିମିୟର ଲିଗ୍ କ୍ରିକେଟ୍ ଚୌଦ୍ୱାର ପୋଲିସ ଏକାଦଶ ବିଜୟୀ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ଓଟିମ୍ କଲୋନୀ ସ୍ଥିତ ଗୋପବନ୍ଧୁ ଖେଳପଡ଼ିଆରେ ଚାଲିଥିବା ଗୋପବନ୍ଧୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣମେଣ୍ଟ ଅବସରରେ ଚୌଦ୍ୱାର ପୋଲିସ ଏକାଦଶ ଓ ଚୌଦ୍ୱାର ସାମ୍ବାଦିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୬ ଓଭରରେ ୩ ୱିକେଟ ହରାଇ ୯୧ ରନ ସଂଗ୍ରହ କରିଥିଲା। ସୁଶୀଲ ରାଉତ ସର୍ବାଧିକ ୫୨ ରନ କରିଥିଲେ। ଜବାବରେ ପୋଲିସ ଏକାଦଶ ୩ଟି ୱିକେଟ ହରାଇ ୯୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୋଲିସ ଏକାଦଶର ରିତିକ୍ ସାହୁ ସର୍ବାଧିକ ରନ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଆଇଆଇସି ବିଶ୍ୱ ରଞ୍ଜନ ସାହୁ, ଏସଆଇ ସରସ୍ୱତୀ ସାହୁ, ବିମଲ କୁମାର ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୋଲିସ ଟିମର ଅଧିନାୟକ ସୌମ୍ୟରଞ୍ଜନ ପାଣି ଓ ସାମ୍ବାଦିକ ଟିମ୍‌ର ଅଧିନାୟକ ସତ୍ୟବ୍ରତ ଦାସଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସାମ୍ବାଦିକ ବିଶ୍ୱଜିତ୍ ଭଞ୍ଜ, ଅମିତ ବେଉରା, ସଂଜୟ ରାଉତ, ସଂଜୟ କୁମାର ପାତ୍ର, ଅର୍ଜୁନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ୨୦୨୬ ଫିଫା ବିଶ୍ୱକପ୍ ଖେଳିବ ନ୍ୟୁଜିଲାଣ୍ଡ



**ଅକ୍‌ଲାଣ୍ଡ**

ନ୍ୟୁଜିଲାଣ୍ଡ ୨୦୨୬ ଫିଫା ବିଶ୍ୱକପ୍ ଖେଳିବ। ସୋମବାର ଓସେନିଆ କନ୍‌ଫେଡେରେସନ କ୍ୱାଲିଫାଇଂ ସିରିଜ ଫାଇନାଲରେ ନ୍ୟୁ କାଲେଡୋନିଆକୁ ୩-୦ ଗୋଲ୍‌ରେ ପରାସ୍ତ କରିବା ପରେ ନ୍ୟୁଜିଲାଣ୍ଡ ୨୦୨୬ ଫିଫା ବିଶ୍ୱକପ୍ ଖେଳିବା ପାଇଁ ଯୋଗ୍ୟତା ହାସଲ କରିପାରିଛି। ଏହାକୁ ମିଶାଇ ନ୍ୟୁଜିଲାଣ୍ଡ ତୃତୀୟ ଥର ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ଦଳ ୧୯୮୨ରେ ସ୍ପେନରେ ଏବଂ ୨୦୧୦ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ପୂର୍ବରୁ ଟୁର୍ଣ୍ଣାମେଣ୍ଟର ମିଳିତ ଆୟୋଜକ ଦେଶ ଭାବେ କାନାଡ଼ା, ୟୁଏସ୍ ଓ ମେକ୍ସିକୋ ସ୍ୱାଭାବିକ ଆପେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଗତ ସପ୍ତାହରେ ଜାପାନ ପ୍ରଥମ ଦଳ ଭାବେ ୪୮ ଦଳକୁ ନେଇ ହେବାକୁଥିବା ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିସାରିଛି। ସୋମବାର ମ୍ୟାଚରେ ପରାଜୟ ସତ୍ତ୍ୱେ ଏସିଆନ, ଆଫ୍ରିକାନ, ନର୍ଥ ଓ ସେଣ୍ଟ୍ରାଲ ଆମେରିକାନ ଏବଂ ସାଉଥ ଆମେରିକାନ କନ୍‌ଫେଡେରେସନର ୬ଟି ଦଳକୁ ନେଇ ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେଅଫ୍ ଜରିଆରେ ଯୋଗ୍ୟତା ଅର୍ଜନ ପାଇଁ ନ୍ୟୁ କାଲେଡୋନିଆ ଲାଗି ଏକ ସୁଯୋଗ ରହିଛି।

# ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା



**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ସ୍ତରୀୟ ୯୦ତମ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଥିବା ପ୍ରସ୍ତୁତି ବୈଠକରେ ସ୍ଥିରିକୃତ ମାର୍ଗଦର୍ଶିକା ଅନୁଯାୟୀ ମଧ୍ୟ ଇଂରାଜୀ ଓ ହାଇସ୍କୁଲ ସ୍ତରରେ ଓଡ଼ିଆ ଭାଷାରେ ଓଡ଼ିଶା ସମ୍ବନ୍ଧୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତା ସାଳନ୍ଦୀ ହସ୍‌ପିଟାଲର ପୃଷ୍ଠପୋଷକତାରେ ଅନୁଷ୍ଠିତ ହୋଇଥିଲା। ହସ୍‌ପିଟାଲର ସତ୍ତ୍ୱାଧିକାରୀ ଡା. ପ୍ରଭାସ ଚନ୍ଦ୍ର ମହାନ୍ତି ସଂସ୍କୃତି ଭବନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ପରିଚ୍ଛଳନା କରି ଥିଲେ। ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବିଭୂତି ଭୂଷଣ ପଣ୍ଡା, ରମାକାନ୍ତ ଜେନା, ପ୍ରକାଶ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ରାୟ, ସୀତାକାନ୍ତ ଦାସ ପ୍ରମୁଖ ବିଚ୍ଛରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜୁନିୟର ଗ୍ରୁପ୍‌ରେ ଏସ୍.ବି.ଡି. ସ୍କୁଲର ସ୍ୱାଭିମାନ ପଣ୍ଡା ୧ମ, ଓଜୋସ୍ମିତା ମହାପାତ୍ର ଦ୍ୱିତୀୟ, ଜ୍ୟୋତି କନଭେଣ୍ଟ ସ୍କୁଲର ସମୀକ୍ଷା ନାୟକ ତୃତୀୟ, ସିନିୟର ଗ୍ରୁପ୍‌ରେ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ମନ୍ଦିରର ହିମାଦ୍ରି ତନୟା ପଣ୍ଡା ୧ମ, ସନସାଇନ୍ ମିଶନ୍ ସ୍କୁଲର ଅନୁଭବ ପାଣି ୨ୟ ଓ ଡି.ଏ.ଭି.ଏସ୍. ଡି.ପି.ଏସ୍ ସ୍କୁଲର ସ୍ମୃତି ସୌଜନ୍ୟା ପୁହାଣ ତୃତୀୟ ସ୍ଥାନ ଅଧିକାର କରିଥିଲେ।


**OFFICE OF THE NOTIFIED AREA COUNCIL DASPALLA, NAYAGARH**
**PHONE No.0675-7220005, E-MAIL ID:- nacdaspalla@gmail.com** C-1983

NO.555/ DATE:24.3.2025

**QUOTATION CALL NOTICE**

The Executive Officer, NAC Daspalla on behalf of Daspalla NAC, Dist- Nayagarh invites sealed quotation from the interested firm/ agency for supply, fitting, installation of new part of machineries (i.e Balling Machine, Shredder Machine and Sewing Machine) to make it functional in Wealth Centre, Near B. S College, Kunjabangarh, Ward no 01, Daspalla NAC.

| Sl N0 | Machine ries Name | Item Name | Qua ntity | Unit Price (in Rs.) including GST | In Words |
|---|---|---|---|---|---|
| 1 | Plastic Bailing Machine | 1. Installation New Oil Tank 5o Ltr. With Refill Oil 50 tr.<br>2. Installation New 5hp 3phase Motor.<br>3. Installation new Hydraulic Control Valve.<br>4. Oil Pump with Gear Plate.<br>5. 2nos Hose Pipe.<br>6. L&T5HP 3 PHASE Motor Starter.<br>7. Full servicing with labour Charge. | | | |
| 2 | Sewing Machine | 1. New 3HP Motor and Gear Box<br>2. New Roller Chain Sprocket.<br>3. Electrical Control Panel<br>4. Full servicing with labour Charge. | | | |
| 3 | Twin Shaft shredder Machine | 1. New Shredder Chamber.<br>2. 5HP 2nos Gear & Motor.<br>3. Electrical Panel.<br>4. 2nos New Roller Chain Sprocket.<br>5. New Shredder inlet Hopper.<br>6. Full servicing with labour Charge. | | | |

The quotationer should reach to the office of the undersigned on or before dt. 03/04/2025 at about 3.00 P.M and will be opened on same day at 3.30 PM in presence of quotation should mention their rate inclusive of all taxes in NAC Daspalla. The Xerox copies of PAN Card/ GST Registration certificate should be accompanied with the quotation. Quotationer should deposit non refundable paper cost Rs. 5000/- in favour of Executive Officer, N.A.C, Daspalla payable of Daspalla. The authority reserves the right to reject any or all quotation without assigning any reason thereof.

Sd/- Executive Officer
N.A.C, Daspalla

OIPR-13141/11/0002/2425


# ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ନେଇ ରାଜନୈତିକ ଦଳମାନଙ୍କ ସହିତ ବୈଠକ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ଦଳ ଦ୍ୱାରା ପ୍ରତି ବୁଥ୍‌ରେ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଯାଜପୁର ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଏଥି ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳମାନଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସ୍ୱଚ୍ଛତା ପାଇଁ ନିର୍ଭୁଲ ଭୋଟର ତାଲିକାର ଭୂମିକା ବିଷୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋକପାତ କରିଥିଲେ। ଜିଲ୍ଲାର ପ୍ରତି ବୁଥ୍‌ରେ ରାଜନୈତିକ ଦଳଙ୍କ ଦ୍ୱାରା ବିଏଲଏ ନିଯୁକ୍ତି କରିବା ପ୍ରକ୍ରିୟା ନେଇ ଫର୍ମ ୧ ଓ ଫର୍ମ ୨ ବିଷୟରେ ଜିଲ୍ଲାପାଳ ଶ୍ରୀମତୀ ରେଡ୍ଡୀ ବୁଝାଇଥିଲେ। ଭୋଟର ତାଲିକାରେ ଯୋଗ, ବିୟୋଗ, ସଂଶୋଧନ, ସ୍ଥାନାନ୍ତର ଆଦି ପାଇଁ ବିଏଲଏମାନେ ବିଏଲଓମାନଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ବୁଝାଇ ଦିଆଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଡେପୁଟି କଲେକ୍ଟର ତଥା ନିର୍ବାଚନ ଶାଖା ଅଧିକାରୀ ଦିପ୍ତିମୟୀ ବେହେରା ବୈଠକର ଆଭିମୁଖ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରି ବୈଠକର ଉପସ୍ଥିତ ସମସ୍ତ ଦଳୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଧାରିତ ଫର୍ମ ଯୋଗାଇ ଦେଇଥିଲେ। ନିର୍ବାଚନ କମିଶନ ଓ ଭାରତର ଏକକ ପରିଚୟ ପତ୍ର ପ୍ରକରଣ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସହମତି କ୍ରମେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ କରାଯିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଆଗାମୀ ୧୫ ଦିନ ମଧ୍ୟରେ ବିଏଲଏ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପ ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଡେପୁଟି କଲେକ୍ଟର ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଦୁର୍ଯ୍ୟୋଧନ ବେହେରା, ଭାରତୀୟ ଜନତା ପାର୍ଟିର କଳିଙ୍ଗ କେଶରୀ ମହାନ୍ତି, ବିଜୁ ଜନତା ଦଳ ତରଫରୁ ସରୋଜ କୁମାର ମହାପାତ୍ର, ଆପ ତରଫରୁ ପୁଲିନ୍ ବିହାରୀ ଖୁଣ୍ଟିଆ, ବିଏସପି ତରଫରୁ ଅକ୍ଷୟ କୁମାର ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



# ଶେଷହୀନ ଆକୁଳତାର କବି ରମାକାନ୍ତ

**ନିରଂଜନ ବେହୁରିଆ**

ବେଳେବେଳେ ମନେହୁଏ ମୁଁ ଆକାଶ ପ୍ରଶସ୍ତ ଅଥଚ ଫାଙ୍କା ଏବଂ ଦେଖୁଅଛି ପୃଥିବୀ ଯେପରି ତମେ ଠିକ୍ ସେହିପରି ମେଲା କରିଅଛ ହାତମାନ/ଯେଉଁଠାରେ ଓହ୍ଲାଇଲେ ସେହିଠାରେ ତୁମ ଆଲିଙ୍ଗନ। ହଁ, ତାଙ୍କ କବିତାର ଆଲିଙ୍ଗନ ସବୁଠି, ଆକର୍ଷଣ ମଧ୍ୟ। ତାହା ପାଠକକୁ ବାନ୍ଧି ରଖେ, ମୁଗ୍ଧ ଚକିତ ବିଭୋର କରେ। ସେ ହେଉଛନ୍ତି କବି ରମାକାନ୍ତ ରଥ। ଭାରତୀୟ କାବ୍ୟ ସାହିତ୍ୟର ଏକ ଉତ୍ତୁଙ୍ଗ କାବ୍ୟ ସ୍ରଷ୍ଟା। ଆଧୁନିକ କବିତା ରାଜ୍ୟର ଶିଖର ପୁରୁଷ। ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାର ମଙ୍ଗୁଆଳ ସେ। ତାଙ୍କ କାବ୍ୟ ଜଗତ ଥିଲା ବ୍ୟାପକ, ଥିଲା ନିତ୍ୟନୂତନ। ନବନବ ଚେତନାର ପ୍ରଜ୍ଞାଦୀପ୍ତ ରସମୟତାରେ ଉର୍ଜସ୍ୱଳ। 'କେତେଦିନର' ଠାରୁ 'ସପ୍ତମଋତୁ', 'ଶ୍ରୀରାଧା'ରୁ 'ଶ୍ରୀପଳାତକ', 'ସୀମାନ୍ତବାସ'ରୁ 'ନ ଯା ନ ଯା କହୁକହୁ' ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କର କାବ୍ୟଯାତ୍ରା। ନାନା ରୂପ ଓ ରଙ୍ଗରେ ସେ ସଜାଇଛନ୍ତି କବିତାକୁ, ଦେଇଛନ୍ତି ନୂଆମୋଡ଼, ନୂଆଦିଶା। ନିଜର ପ୍ରଜ୍ଞା ଓ ପ୍ରତିଭାରେ ପ୍ରଭାବନ୍ତ କରିଛନ୍ତି କବିତାର ଆକାଶକୁ।

୧୯୭୫ ମସିହା। ଭଦ୍ରକ କଲେଜରେ ଅନର୍ସ ପଢ଼ିଲାବେଳେ ରମାକାନ୍ତ ମତେ ଜାବୁଡ଼ି ଧରିଥିଲେ। ସେତେବେଳେ କେତେଦିନର (୧୯୬୨) ଅନେକ କୋଠରୀ (୧୯୬୭) ସନ୍ଦିଗ୍ଧ ମୃଗୟା (୧୯୭୧) ପ୍ରକାଶ ହୋଇ ସାରିଥିଲା। ସଂପୂର୍ଣ୍ଣ ନୂଆ ଧରଣର। ଅନ୍ୟମାନଙ୍କ କବିତା ଠାରୁ ଲାଗୁଥିଲା ଅଲଗା ଅଲଗା। ଭାରି ଭଲ ଲାଗୁଥିଲା ସେ ସବୁ କବିତା। ତାଙ୍କର ଶୈଳୀ ବେଶୀ ଛୁଉଁଥିଲା ହୃଦୟକୁ। ତାହାହିଁ ଥିଲା ତାଙ୍କର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ। ସାଳନ୍ଦୀର ନଈପଠାରେ ଜହ୍ନ ରାତିରେ ସତୀର୍ଥମାନଙ୍କ ସହ 'ଚନ୍ଦ୍ରମାର ଚୁଡ଼ି' 'ଜହ୍ନରାତି'ର ପଂକ୍ତିକୁ କେତେଥର ଯେ ଆବୃତି କରିଛି ତା'ର ହିସାବ ନାହିଁ। ପରେପରେ ଏମ୍.ଏ.ରେ ଆଧୁନିକ ସ୍ପେଶାଲ ପଢ଼ିଲାବେଳେ ପୁନଶ୍ଚ ତାଙ୍କ କବିତା 'ସପ୍ତମଋତୁ' (୧୯୭୭) ସହ ଭେଟ। ଶ୍ରେଣୀକକ୍ଷରେ, ସମ୍ମାନରେ ଆଲୋଚନାରେ ତାଙ୍କ କବିତା ସହ ଅନ୍ତରଙ୍ଗତା। ସେ ଥିଲେ ମୋର ଅନ୍ୟତମ ପ୍ରିୟକବି। ତାଙ୍କ କବିତା ସେଦିନ ମତେ ବିହ୍ୱଳ ଓ ବିଭୋର କରିଥିଲା।

ରମାକାନ୍ତ ଥରେ କହିଥିଲେ "କୋମଳତା, ଆବେଗ ଓ ଭାବପ୍ରବଣତାକୁ ନେଇ କବିତା ଗଢ଼ାଯାଏ। ଗଢ଼ାଯାଏ ନାହିଁ ବରଂ ଏହା ଆପଣାଛାଏଁ ଉତୁରିଆସେ। ପ୍ରତ୍ୟେକ ଭଲ କବିତା ସେଇଦୃଷ୍ଟିରୁ ଗୋଟିଏ ଗୋଟିଏ ସ୍ମରଣୀୟ ବକ୍ତବ୍ୟ"। ସେ ଥିଲେ ଶବ୍ଦର ଯାଦୁଗର। ଭାବର ଈଶ୍ୱର। ଆଧୁନିକ ଓଡ଼ିଆ କବିତାର ଅନନ୍ୟ ରୂପକାର। ତାଙ୍କର ଶୈଳୀ ଥିଲା ବିରଳ ଓ ସ୍ୱତନ୍ତ୍ର। ଅସରନ୍ତି ଅସହାୟତାର ରହସ୍ୟମୟ ଅଭିବ୍ୟକ୍ତି ପାଠକର ସପ୍ରଶସ୍ତ ଦୃଷ୍ଟି ଆକର୍ଷଣ କରିବାକୁ ଥିଲା ସକ୍ଷମ। ତାଙ୍କର ଅଧିକାଂଶ କବିତା କେବଳ ଅଭିଭୂତ କରେନାହିଁ ଯୁଗପତ୍ ଆନନ୍ଦ ଓ ବିସ୍ମୟ ସୃଷ୍ଟିକରେ ମନରେ। ଅନାସକ୍ତ ଭାବରେ କାହାଣୀକୁ କବିତା ଓ କବିତାକୁ କାହାଣୀ କରିବାର ଚମତ୍କାରିତା, ସ୍ୱପ୍ନ ଓ ବାସ୍ତବତାର ବିହ୍ୱଳ ବିଭୋର ପଣକୁ ରମାକାନ୍ତ ଯେପରି ପରଶି ଦିଅନ୍ତି ତାହା ସତରେ ଈର୍ଷଣୀୟ।

ମୋର ମନେହୁଏ ପ୍ରକୃତରେ ସେଥିଲେ 'ଶ୍ରୀରାଧା'ର କବି। ରମାକାନ୍ତ ଅନ୍ୟକିଛି ନଲେଖି କେବଳ 'ଶ୍ରୀରାଧା' ଲେଖୁଥିଲେ ତାଙ୍କର କବିଯଶ ଓ ଖ୍ୟାତି କିଛି କମିଯାଇ ନଥାନ୍ତା। ପ୍ରେମ ଓ ମୃତ୍ୟୁର ଲୁଚକାଳି ଖେଳ ଭିତରେ ଆନନ୍ଦ ଓ ଆବେଗର ରସଗଣ ଚିତ୍ର, ରହସ୍ୟମୟ ଅଭିବ୍ୟକ୍ତି 'ଶ୍ରୀରାଧା'କୁ କରିଛି ଶ୍ରେଷ୍ଠତମ। ମୋ ମତରେ ରମାକାନ୍ତ କେବଳ ପ୍ରେମ ଓ ମୃତ୍ୟୁର କବି ନଥିଲେ। ସେ ଥିଲେ ଶେଷହୀନ ଶୋଷ ଓ ଅନ୍ତହୀନ ଅବଶୋଷର କବି। ପ୍ରେମ, ମୃତ୍ୟୁ, ଅସହାୟତା, ଅବଶୋଷ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର କଥା, ଆନନ୍ଦ ଓ ବିସ୍ମୟର ଅନ୍ତରଙ୍ଗ ଅନୁଭବରେ ତାଙ୍କ କବିତା ଥିଲା ଝଲମଲ୍ ଦୀପ୍ତିମନ୍ତ।

ଆଜି ସେ ଆମ ଗହଣରେ ନାହାନ୍ତି। କିନ୍ତୁ ଯେତେଦିନ ଓଡ଼ିଆ ଭାଷା ଥିବ ତାଙ୍କ କବିତାର ଗୁଣୁଗୁଣୁ ସ୍ୱର ଶୁଭୁଥିବ, କାଳକାଳ... ଚିରକାଳ।

ଅବସର ପ୍ରାପ୍ତ ଅଧ୍ୟକ୍ଷ, ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ, ପୁରୀ
ଯୋଗାଯୋଗ : ୦୭୮୯୪୨୫୬୪୧୨





# ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଭୁବନେଶ୍ୱରର ଲୋକସେବା ଭବନରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଥମଟି 'ଓଡ଼ିଶାର ଢେଙ୍କାନାଳସ୍ଥିତ ଗୋବିନ୍ଦପୁରରେ ସମନ୍ୱିତ ପ୍ୟାକ୍ ହାଉସର ପରିଚାଳନା ଏବଂ ରକ୍ଷଣାବେକ୍ଷଣ' ଶୀର୍ଷକ ପ୍ରକଳ୍ପ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଏବଂ ମନୋନୀତ ପରିଚାଳନା ସଂସ୍ଥା, ମେସର୍ସ କୋଲ୍ଡ ଚେନ୍ ସଲ୍ୟୁସନ୍ସ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବାବେଳେ ଦ୍ୱିତୀୟଟି 'ଓଡ଼ିଶାରେ କୃଷି ଉତ୍ପାଦନ ପୁଞ୍ଜି ପ୍ରୋତ୍ସାହନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କ ଜୀବିକାକୁ ସୁଦୃଢ଼ କରିବା' ଶୀର୍ଷକ ପ୍ରକଳ୍ପ ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ମିଶନ ଶକ୍ତି, ଏବଂ ପ୍ରଦାନ ନାମକ ସ୍ୱେଚ୍ଛାସେବୀ ସଂଗଠନ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି । ନୂତନ ଭାବରେ ସ୍ୱାକ୍ଷରିତ ଏହି ଏମଓୟୁ ୯ଟି ଜିଲ୍ଲା (ବଲାଙ୍ଗୀର, ଢେଙ୍କାନାଳ, ଝାରସୁଗୁଡ଼ା, କନ୍ଧମାଳ, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଏବଂ କୋରାପୁଟ) ଓ ୨ଟି ନୂତନ ଜିଲ୍ଲା (ଦେଓଗଡ଼ ଏବଂ ନବରଙ୍ଗପୁର) ସମେତ ୧୧ଟି ଜିଲ୍ଲାର ୨୭ଟି ବ୍ଲକରେ ୬୯୫ଟି ପିଜି ଏବଂ ୨୭ଟି ପିସିକୁ ସହଯୋଗ ପ୍ରଦାନ କରି ଏପିସି ମଡେଲକୁ ଆହୁରି ସୁଦୃଢ଼ କରିବ। ମିଶନ ଶକ୍ତି ବିଭାଗ ଦ୍ୱାରା ୬୨.୦୫୮ କୋଟି ଟଙ୍କା ଅନୁମାନିତ ବଜେଟ ସହିତ, ଏହି ସ୍ଥାୟୀ ଜୀବିକା ପଦକ୍ଷେପ ୬୯୫ଟି ପିଜି ଅଧୀନରେ ପ୍ରାୟ ୮୩,୦୦୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସଦସ୍ୟାଙ୍କୁ ବୈଷୟିକ ତାଲିମ ଏବଂ ସହାୟତା ପ୍ରଦାନ କରିବ। ଏହି ପଦକ୍ଷେପ ରାଜ୍ୟରେ ଏହି ନୂତନ ବ୍ଲକଗୁଡ଼ିକରେ ଥିବା ମହିଳା ପିଜି ସଦସ୍ୟାମାନଙ୍କ ମଧ୍ୟରେ ସମନ୍ୱିତ, ବଜାର-ସଂଯୋଗୀ ଉତ୍ପାଦନ ପ୍ରସ୍ତୁତ କରିବା ସହ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟିକରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ କୃଷି ଏବଂ ପଶୁପାଳନ କ୍ଷେତ୍ରରେ ଉନ୍ନତ ଫସଲ ପଦ୍ଧତିର ବ୍ୟବହାର ସହିତ ଅଂଶଗ୍ରହଣକାରୀ ଏସଏଚଜି ସଦସ୍ୟାମାନଙ୍କ ଆୟକୁ ପ୍ରକଳ୍ପ ଅବଧି ମଧ୍ୟରେ ସ୍ଥାୟୀ ଭାବରେ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିବ। ଏପିସି ପଦକ୍ଷେପ ଅଧୀନରେ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ, ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନ (ଓଏଲଏମ), ଓଡିଶା ଉଠା ଜଳସେଚନ ନିଗମ (ଓଏଲଆଇସି), ଓଡିଶା କୃଷି ଶିଳ୍ପ ନିଗମ (ଓଏଆଇସି), ଓଡିଶା କୃଷି ପ୍ରଚାର ଏବଂ ନିବେଶ ନିଗମ ଲିଃ (ଏପିଆଇସିଓଏଲ), ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଭାଗଗୁଡ଼ିକ ସମେତ ବିଭିନ୍ନ ସରକାରୀ ବିଭାଗଗୁଡ଼ିକର ପ୍ରଚଳିତ ଯୋଜନାଗୁଡ଼ିକ ଏହି ଅଂଚଳଗୁଡ଼ିକରେ କୃଷକମାନଙ୍କ ପାଇଁ ଜୀବନ ଜୀବିକାର ଭିତିଭୂମି ବିକାଶ କରିବାକୁ ଏକତ୍ରିତ କରାଯାଉଛି। ନୂତନ ସ୍ୱାକ୍ଷରିତ ବୁଝାମଣାପତ୍ର କୃଷି ଉତ୍ପାଦନ ପୁଞ୍ଜି (ଏପିସି) ମଡେଲକୁ ଆହୁରି ମଜବୁତ କରିବ ଏବଂ ୧୧ଟି ଜିଲ୍ଲାର ୨୭ଟି ବ୍ଲକରେ ୬୯୫ ଟି ଉତ୍ପାଦକ ଗୋଷ୍ଠୀ ଏବଂ ୨୭ ଟି ଉତ୍ପାଦକ କମ୍ପାନୀ ର ପ୍ରୋତ୍ସାହନକୁ ସମର୍ଥନ କରିବ, ଯାହାର ଆନୁମାନିକ ବଜେଟ ୬୨୦୫.୮ ଲକ୍ଷ ଟଙ୍କା ହେବ। ଏହି ପଦକ୍ଷେପର ଲକ୍ଷ୍ୟ ଏହି ନୂତନ ବ୍ଲକଗୁଡ଼ିକରେ ମହିଳା ପିଜି ସଦସ୍ୟଙ୍କ ମଧ୍ୟରେ ସମନ୍ୱିତ, ବଜାର-ସଂଯୁକ୍ତ ଉତ୍ପାଦନ ସ୍ଥାପନ କରିବା। ଏହି କାର୍ଯ୍ୟକ୍ରମରେ କୃଷି ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଠ୍ୱନ କଲ୍ୟାଣ, ମିଶନ ଶକ୍ତି ନିର୍ଦ୍ଦେଶକ ଡକ୍ଟର ମୋନିକା ପ୍ରିୟଦର୍ଶିନୀ ଏବଂ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

# 'ମଣ୍ଡିରେ ଧାନ ବିକିବାରୁ ଚାଷୀ ବଞ୍ଚିତ ନହୁଅନ୍ତୁ' : ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**



ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଏବଂ ସଂଗ୍ରହ ପ୍ରକ୍ରିୟା ସରଳୀକରଣ ହେବା ଆବଶ୍ୟକ। କୌଣସି ଚାଷୀ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ନ ହୁଅନ୍ତୁ। ଚାଷୀମାନେ ଯେପରି ସଶକ୍ତ ଓ ସମୃଦ୍ଧ ହୋଇପାରିବେ ସେଥିପାଇଁ ରାଜ୍ୟ ସରକାର ସବୁ ଦିଗକୁ ବିଚାର କରିବା ଆବଶ୍ୟକ। ଜଣେ ଚାଷୀ ଧାନ ବିକ୍ରି କରିବାରୁ ଯେପରି ବଞ୍ଚିତ ନହୁଏ, ମଣ୍ଡି ବ୍ୟବସ୍ଥା ସେଭଳି ହେବା ଦରକାର ଏବଂ ତାହା ରାଜ୍ୟ ସରକାର ନିଶ୍ଚିତ କରନ୍ତୁ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସମ୍ବଲପୁରର ଚାଷୀ କଳ୍ପନା ପଟେଲ୍ ଏବଂ ଅନ୍ୟମାନେ ଅନ୍‌ଲାଇନ୍ ଜରିଆରେ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ମାମଲାରେ ରାୟ ପ୍ରକାଶ କରି ଧାନ ପଞ୍ଜୀକରଣ ସମୟରେ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥପ୍ରତି ସମ୍ବେଦନଶୀଳ ରହିବାକୁ ପରାମର୍ଶ ଦେଇଛନ୍ତି। ଆବେଦନକାରୀମାନେ ସମ୍ବଲପୁର କୁଚିଣ୍ଡା ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ବିକ୍ରି ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ସେମାନେ ଅନ୍‌ଲାଇନ୍‌ରେ ଧାନ ବିକ୍ରି ପାଇଁ ପଞ୍ଜୀକରଣରୁ ବଞ୍ଚିତ ହେବାରୁ ଅଫ୍‌ଲାଇନ୍‌ରେ ଚେଷ୍ଟା କରିଥିଲେ। ନିରାଶ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ସେମାନଙ୍କୁ ଧାନ ବିକ୍ରି ପାଇଁ ଅନୁମତି ମିଳିନଥିଲା। ଫଳରେ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ରାଜ୍ୟ ସରକାରଙ୍କ ଧାନ ପଞ୍ଜୀକରଣ ପାଇଁ ପ୍ରଚଳିତ ହୋଇଥିବା ଏହି ଅନ୍‌ଲାଇନ୍ ନୀତିକୁ ଯଦିଓ ପ୍ରଶଂସା କରିଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ଦ୍ୱାରା ଜଣେ ଚାଷୀ ଧାନ ବିକ୍ରି କରିବାରୁ ଯେପରି ବଞ୍ଚିତ ନହୁଏ ସେ ଦିଗରେ ମଧ୍ୟ ଯତ୍ନବାନ ହେବାକୁ ପରାମର୍ଶ ମଧ୍ୟ ଦେଇଛନ୍ତି। ଧାନ ପଞ୍ଜୀକରଣ ସମୟରେ ରାଜ୍ୟ ସମବାୟ ଏବଂ କୃଷି ବିଭାଗ କେତେକ ଦିଗପ୍ରତି ଦୃଷ୍ଟିଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଧାନ ପଞ୍ଜୀକରଣ ପୂର୍ବରୁ ସମବାୟ ଏବଂ କୃଷି ବିଭାଗ ଗ୍ରାମାଞ୍ଚଳର କୃଷକଙ୍କୁ ସଚେତନତା ପାଇଁ ଆବଶ୍ୟକ ପଦକ୍ଷେପ ନେବେ। ଯେପରି କୃଷକମାନେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଧାର୍ଯ୍ୟ ସମୟରେ କରିବେ, ସେ ବିଷୟରେ ଆବଶ୍ୟକ ସୂଚନା ପାଇପାରିବେ। ଏହି ସଚେତନତା ସ୍ଥାନୀୟ ଆଞ୍ଚଳିକ ଭାଷାରେ କରାଯିବା ଆବଶ୍ୟକ। ଚାଷୀଙ୍କ ଅଭିଯୋଗ ଶୁଣିବା ଲାଗି କୃଷି ବିଭାଗ ହେଲ୍‌ପ୍ ଲାଇନ୍ ଜାରି କରାଯାଉ। ଏଥିସହ ଏକ ଅନ୍‌ଲାଇନ୍ ଅଭିଯୋଗ ଟ୍ରାକିଂ ସିଷ୍ଟମ୍ ଖୋଲାଯିବ। ଯାହାଦ୍ୱାରା ଚାଷୀଙ୍କ ଅଭିଯୋଗର ଧାର୍ଯ୍ୟ ସମୟ ମଧ୍ୟରେ ବିଭିନ୍ନ ଅଭିଯୋଗର ସମାଧାନ ହେବାସହ ସ୍ୱଚ୍ଛତା ବଜାୟ ରହିପାରିବ। ଚାଷୀଙ୍କ ନିକଟରୁ ଯେଉଁସବୁ ଅଭିଯୋଗ ଆସିବ ଏହି ଦାୟିତ୍ୱରେ ଥିବା ଅଧିକାରୀ ସାମାଧାନ କରିବା ଲାଗି ପଦକ୍ଷେପ ନେବେ। ଧାନ ସଂଗ୍ରହ ପାଇଁ ଯେଉଁ ଡିଜିଟାଲ ଭିତ୍ତିଭୂମି ରହିଛି ତାହା କିପରି କାର୍ଯ୍ୟ କରୁଛି ସେନେଇ ରାଜ୍ୟ ସରକାର ନିୟମିତ ଯାଞ୍ଚ କରିବେ। ପ୍ରତ୍ୟେକ ସମିତିରେ ନିରବିଚ୍ଛିନ୍ନ ଇଣ୍ଟରନେଟ୍ ସୁବିଧା ମିଳିପାରିବ ତାହା ମଧ୍ୟ ରାଜ୍ୟ ସରକାର ନିଶ୍ଚିତ କରିବେ। ଯେଉଁଠାରେ ଇଣ୍ଟରନେଟ୍ ସୁବିଧା ନାହିଁ ସେଠାରେ ବିକଳ୍ପ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ। ଆବଶ୍ୟକସ୍ଥଳେ ଅଫ୍‌ଲାଇନ୍‌ରୁ ଅନ୍‌ଲାଇନ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଅଦାଲତ ପରାମର୍ଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ରାଜ୍ୟ କୃଷି ବିଭାଗ ସଚିବ ରାଜେଶ୍ ପାଟିଲ୍‌ଙ୍କ ବ୍ୟକ୍ତିଗତ ହାଜିରାର ଅନ୍ତ ଘଟାଇବା ସହ ମାମଲାର ମଧ୍ୟ ଅନ୍ତ ଘଟାଇଛନ୍ତି। ଧାନ ବିକ୍ରି ପାଇଁ ହୋଇଥିବା ବ୍ୟବସ୍ଥା ଚାଷୀ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟକରୁ ବୋଲି ହାଇକୋର୍ଟ ମତ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୭ଦିନ ପାଇଁ ...

ନାମ ଘୋଷଣା କରିବା ପରେ ମଧ୍ୟ ଗୃହରେ କଂଗ୍ରେସ ବିଧାୟକମାନେ ସେମାନଙ୍କ ପ୍ରତିବାଦ ଜାରି ରଖିଥିଲେ ଏବଂ ଗୃହର ମଧ୍ୟଭାଗରେ ଧାରଣାରେ ବସି ନାରାବାଜୀ ଓ ଗାନ୍ଧୀ ଭଜନ ଗାନ କରିଥିଲେ । ହେଲେ ବାଚସ୍ପତିଙ୍କ ନିଷ୍ପତ୍ତି ଘୋଷଣାକୁ ମୁଖ୍ୟ ବିରୋଧି ଦଳ ବିଜେଡ଼ିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଗଣେଶ୍ୱର ବେହେରା ପୁର୍ନବିଚାର କରିବା ପାଇଁ ନିବେଦନ କରିବା ସହ ଯଥାଶୀଘ୍ର ଗୃହରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ପାଇଁ ବାଚସ୍ପତି ମୁଖ୍ୟମନ୍ତ୍ରୀଙ୍କୁ ଡକାଇ ଗଣତାନ୍ତ୍ରିକ ପନ୍ଥାରେ ଆଲୋଚନା କରନ୍ତୁ ବୋଲି ପ୍ରସ୍ତାବ ଦେଇଥିଲେ । ସେମାନେ କଂଗ୍ରେସ ଦଳ ବିଧାୟକମାନଙ୍କ ଉଚ୍ଚାରଣ ଓ ଆଚରଣକୁ ନାପସନ୍ଦ କରିଥିଲେ । ସେମାନେ କହିଥିଲେ ସରକାର ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ବିରୋଧୀ ଦଳକୁ ସମ୍ମାନ ଦିଅନ୍ତୁ। ବିରୋଧୀ ଦଳର ଦାବି ଉପରେ ଆଲୋଚନା ପାଇଁ ଆସନ୍ତୁ। ଗଣତନ୍ତ୍ରର କଣ୍ଠରୋଧ କରିବାକୁ ଏବଂ ବିରୋଧୀ ଦଳକୁ ଚପାଇବାକୁ କେବେ ବି ଚେଷ୍ଟା ନକରନ୍ତୁ ବୋଲି ସେମାନେ କହିଥିଲେ। ଅନ୍ୟପଟେ ଶାସକ ଦଳ ବିଧାୟକ ଇରାଶିଷ ଆଚାର୍ଯ୍ୟ, ସିଦ୍ଧାନ୍ତ ମହାପାତ୍ର ଓ ସନାତନ ବିଜୁଳି ବାଚସ୍ପତିଙ୍କ ନିଷ୍ପତ୍ତି ଘୋଷଣାକୁ ଯଥାର୍ଥ ବୋଲି ବର୍ଣ୍ଣନା କରିବା ସହ ବିରୋଧି କଂଗ୍ରେସ ବିଧାୟକମାନେ ଗୃହ କାର୍ଯ୍ୟରେ ଜାଣିଶୁଣି ବାଧା ସୃଷ୍ଟି କରିବା ଘଟଣାକୁ ନିନ୍ଦା କରିଥିଲେ । ଏହି ଘଟଣାକୁ ନେଇ ଗୃହରେ ଦୀର୍ଘସମୟ ଧରି ବାଦାନୁବାଦ ଓ ହଙ୍ଗାମା ଲାଗି ରହିଥିଲା। ବାଚସ୍ପତି ଶ୍ରୀମତୀ ପାଢୀ ନିଲମ୍ବିତ ବିଧାୟକମାନଙ୍କୁ ଗୃହ ପରିତ୍ୟାଗ କରାଇବା ପାଇଁ ମାର୍ଶାଲଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମାର୍ଦ୍ଧରେ ବାଚସ୍ପତି ଗୃହକୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରିବା ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଆସି ସର୍ବଦଳୀୟ ବୈଠକ ପାଇଁ ବିରୋଧି ଦଳ ନେତା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପଞ୍ଚାୟତିରାଜ ମନ୍ତ୍ରୀ, ଆଇନ୍ ମନ୍ତ୍ରୀ, ସରକାରୀ ଦଳର ମୁଖ୍ୟ ସଚେତକ, ବିଜେଡ଼ି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ବିଜେପି ବିଧାୟକ ଜୟନାରାୟଣ ମିଶ୍ର, ବିଜେଡ଼ି ବିଧାୟକ ପ୍ରତାପ ଦେବ୍, ସିପିଆଇ (ଏମ୍) ଲକ୍ଷ୍ମଣ ମୁଣ୍ଡାଙ୍କୁ ବାଚସ୍ପତିଙ୍କ ଚାମ୍ବରରେ ଯୋଗଦେବାକୁ ଅନୁରୋଧ ଜଣାଇ ବୈଠକକୁ ୩୦ ମିନିଟ୍ ପାଇଁ ମୁଲତବି କରିଥିଲେ। ଏହାପରେ ମଧ୍ୟ ଗୃହକୁ ଉପବାଚସ୍ପତି ଆଉ ଦୁଇଥର ୩୦ମିନିଟ୍ ଓ ୧୫ ମିନିଟ୍ ଲେଖାଏଁ ମୁଲତବି କରିବା ପରେ ଘ.୧୨.୪୬ମିନିଟ୍‌ରେ ବାଚସ୍ପତି ଶ୍ରୀମତୀ ପାଢୀ ପୁନର୍ବାର ଗୃହକୁ ଆସିଥିଲେ ଏବଂ ନିଜ ଆସନରେ ଠିଆ ହୋଇ ବିରୋଧି କଂଗ୍ରେସ ଦଳର ବିଧାୟକମାନଙ୍କ ନାରାବାଜି, ଘଣ୍ଟ ମାଡ଼ ଏବଂ ତତ୍‌ଜନିତ ବିଶୃଙ୍ଖଳିତ ଆଚରଣକୁ ନାପସନ୍ଦ କରିଥିଲେ । ଏଥିସହ ବିରୋଧି କଂଗ୍ରେସ ବିଧାୟକମାନେ ସେମାନଙ୍କଏତାଦୃଶ କାର୍ଯ୍ୟରୁ ବିରତ ରୁହନ୍ତୁ, ନିଜ ନିଜ ଆସନକୁ ଫେରନ୍ତୁ ଏବଂ ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି ବାରମ୍ବାର ନିବେଦନ କରିଥିଲେ । ଏହାସତ୍ତ୍ୱେ କଂଗ୍ରେସ ବିଧାୟକମାନେ ପୂର୍ବଭଳି ସେମାନଙ୍କ ଜିଦ୍‌ରେ ଅଟଳ ରହି ଘଣ୍ଟ ମାଡ ଜାରି ରଖିଥିଲେ । ଏଭଳି ପରିସ୍ଥିତି ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ନିଜ ଆସନରେ ଛିଡ଼ା ହୋଇ ସେମାନଙ୍କ ଦାବି ଓ କଥାକୁ ଶୁଣାଯାଉନାହିଁ ବୋଲି ପାଲଟା ଅଭଯୋଗ କରିବା ସହ ନାରୀ ନର୍ଯ୍ୟାତନା ପ୍ରସଙ୍ଗରେ ଗୃହ କମିଟି ଗଠନ ପାଇଁ ସେମାନେ ଉଠାଇଥିବା ଦାବିକୁ ଚପାଇଦେବାପାଇଁ ସରକାର ଏଭଳି ଉଦ୍ୟମ କରୁଛନ୍ତି ବୋଲି କହିଥିଲେ। ହଙ୍ଗାମା ଚାଲିଥିବା ଭିତରେ ବାଚସ୍ପତି ଶ୍ରୀମତୀ ପାଢୀ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ କରିଥିଲେ।
ଦ୍ୱିତୀୟାର୍ଦ୍ଧରେ ବିରୋଧୀ କଂଗ୍ରେସ ବିଧାୟକମାନେ ପୂର୍ବ ଭଳି ସେମାନଙ୍କ ପ୍ରତିବାଦ ଜାରି ରଖିବାରୁ ଗୃହକୁ ଏକାଧିକବାର ମୁଲତବୀ ରଖିବାକୁ ପଡିଥିଲା। ତାହାରି ଭିତରେ ଗୃହରେ ବିଶୃଙ୍ଖଳିତ ଆଚରଣ ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ବିଧାନସଭା ନିୟମାବଳୀ ଅନୁସାରେ ୧୨ଜଣ କଂଗ୍ରେସ ବିଧାୟକଙ୍କୁ ୭ଦିନ ପାଇଁ ନିଲମ୍ବନ କରିବା ନେଇ ବିଧିବଦ୍ଧ ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ବାଚସ୍ପତି ଗୃହର ମତ ଲୋଡିଥିଲେ ଏବଂ ବାଚନିକ ଭୋଟ୍‌ରେ ଏହି ପ୍ରସ୍ତାବଟି ଗୃହୀତ ହେଲା ବୋଲି କହିଥିଲେ। ବାଚସ୍ପତିଙ୍କ ଏହି ଘୋଷଣା ପରେ ଗୃହରେ ପ୍ରତିବାଦ ଆରମ୍ଭ ହୋଇଯାଇଥିଲା। ଗୃହରେ ମଧ୍ୟ ଭାଗରେ ଥିବା କଂଗ୍ରେସ ବିଧାୟକମାନେ ଅଧିକ ଜୋରରେ ଘଣ୍ଟମାଡ ଓ ନାରାବାଜୀ କରିଥିବା ବେଳେ ବିଜେଡ଼ି ବିଧାୟକମାନେ ବାଚସ୍ପତିଙ୍କ ଏହି ନିଷ୍ପତ୍ତି ଗଣତନ୍ତ୍ର ପାଇଁ ସ୍ପୃହଣୀୟ ଓ ଗ୍ରହଣୀୟ ନୁହେଁ ବୋଲି ଉଲ୍ଲେଖ କରି ଏହାର ପୁନର୍ବିଚାର ପାଇଁ ନିବେଦନ କରିଥିଲେ। ଦ୍ୱିତୀୟାର୍ଦ୍ଧ ବୈଠକରେ ଅନେକବାର ଗୃହ ମୁଲତବୀ ପରେ ବାଚସ୍ପତି ବିରୋଧୀ କଂଗ୍ରେସ ବିଧାୟକମାନଙ୍କୁ ଗୃହ ପରିସର ପରିତ୍ୟାଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏଥିପାଇଁ ବିଧାନସଭା ମାର୍ଶାଲଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଗୃହରେ ହଙ୍ଗାମା ଜନିତ ଅଚଳାବସ୍ଥା ଲାଗି ରହିଥିଲା। ଏଥିଯୋଗୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଓ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସମ୍ପର୍କୀତ ଖର୍ଚ୍ଚ ଦାବି ଆଲୋଚନା ହୋଇପାରିନଥିଲା। ଏହି ଖର୍ଚ୍ଚ ଦାବି ଦୁଇଟିକୁ ୨୮ ତାରିଖ ଗିଲୋଟିନ୍‌ରେ ନିଆଯିବ ବୋଲି ବାଚସ୍ପତି କହିବା ସହ ଗୃହକୁ ବୁଧବାର ପୂର୍ବାହ୍ନ ୧୦.୩୦କୁ ମୁଲତବୀ ଘୋଷଣା କରିଥିଲେ। ଏହା ପରେ ମଧ୍ୟ ଗୃହରେ କଂଗ୍ରେସ ବିଧାୟକମାନେ ସେମାନଙ୍କ ଧାରଣା ଅବ୍ୟାହତ ରଖିଥିଲେ। ତେବେ ବିଳମ୍ବିତ ରାତିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବିଧାନସଭା ଗୃହ ସଂଲଗ୍ନ ଲବିରେ ଥିବା ଶୌଚାଳୟକୁ ଯାଇଥିବା ବେଳେ ସୁରକ୍ଷା କର୍ମଚାରୀ ତାଙ୍କୁ ଆଉ ଗୃହ ମଧ୍ୟକୁ ଯିବା ପାଇଁ ଛାଡିନଥିଲେ। ଫଳରେ ସୁରକ୍ଷା କର୍ମୀ ଓ ବିଧାୟକମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା ଏବଂ ଏଥିରେ ଶ୍ରୀ କାଡାମଙ୍କ ହାତରେ ଆଘାତ ଲାଗିଥିବାର ସୂଚନା ମିଳିଛି। ତେବେ କଂଗ୍ରେସ ବିଧାୟକମାନେ ଗୃହରେ ଶୋଇ ରହିବେ ବୋଲି ବାହାରେ ବିଧାୟକ ତାରାପ୍ରସାଦ ବାହିନୀପତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଅପାରଗ ଅଧିକାରୀଙ୍କୁ ...

ତାରିଖ ୨୪.୦୯.୨୦୧୯ରେ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ସର୍କୁଲାରରେ ଦର୍ଶାଯାଇଥିବା ଏହି ନିୟମଗୁଡ଼ିକୁ ଅନେକ ବିଭାଗ ସମ୍ପୂର୍ଣ୍ଣ ଭାବେ ପାଳନ କରୁନଥିବା ସରକାରଙ୍କ ନଜରକୁ ଆସିଛି । ଫଳରେ ଯେଉଁ ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି, ତାହା ଫଳପ୍ରଦ ନହେବା ସହ ସଙ୍କୋଚତା ଓ ଦକ୍ଷତାର ମାନରେ ସୃଷ୍ଟି ଅଭାବ ଥିବା ଅଧିକାରୀ ଓ କର୍ମଚାରୀମାନେ ସରକାରୀ ଚାକିରିରେ ରହିଛନ୍ତି । ଏହା କେବଳ ବ୍ୟବସ୍ଥାରେ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁ ନାହିଁ ବରଂ ଜନସ୍ୱାର୍ଥ ପାଇଁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହେଉଛି ।

ତେଣୁ କାର୍ଯ୍ୟରେ ସନ୍ଦେହଜନକ ସଙ୍କୋଚତା ଏବଂ ଅପାରଗତା ଥିବା ବ୍ୟକ୍ତିମାନଙ୍କୁ ସରକାରୀ ସେବାରୁ ହଟାଇ ସରକାରୀ କାର୍ଯ୍ୟାଳୟଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ନିମନ୍ତେ ଜିଏ ଆଣ୍ଡ ପିଜି ବିଭାଗର ସର୍କୁଲାର ନଂ ୨୭୦୩୭ ତା-୨୪.୦୯.୨୦୧୯ ରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ନିୟମିତ ସମୀକ୍ଷା ବୈଠକକୁ ଆୟୋଜନ ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ନିଜ ନିଜ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ଏ ସଂପର୍କରେ ନିର୍ଦ୍ଧାରିତ ସମୟରେ ସମୀକ୍ଷା ବୈଠକ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ପିଚୁ ଗାଡ଼ି...

ମାନେ ପ୍ରକାଶ କରିଛନ୍ତି। ଫଳରେ କାମାକ୍ଷାନଗର-ଢେଙ୍କାନାଳ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଥିଲା। ଘଟଣା ସ୍ଥଳରେ କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାୟକ, ନୂତନ ଥାନା ଅଧିକାରୀ ଆଶିଷ କୁମାର ଜେନାଙ୍କ ସହିତ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ମୃତକ କ୍ଷୀରୋଦ ସାହୁଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ସହିତ ରେଡ଼କ୍ରସରୁ ୩୦ ହଜାର ଟଙ୍କା ଏବଂ ପରିବାର ମଧ୍ୟରୁ ଜଣଙ୍କୁ ବିଭାଗରେ ଚାକିରି ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବେଜିଂରେ ଭାରତ-...

ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଅନେକ ପଦକ୍ଷେପ ଏବଂ ପ୍ରସ୍ତାବ ଉପରେ ବିଚାର କରିଥିଲେ। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଏହି ଆଲୋଚନା ସମୟରେ ସୀମାପାର ସହଯୋଗ ଏବଂ ଆଦାନପ୍ରଦାନର ଶୀଘ୍ର ପୁନରୁଦ୍ଧାର ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଉଭୟ ଦେଶ ଏହି ଦିଗରେ ପଦକ୍ଷେପ ନେବାକୁ ସହମତ ହୋଇଛନ୍ତି, ଯାହା ଦ୍ୱାରା ଦୁଇ ଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ଏବଂ ସହଯୋଗ ସୁନିଶ୍ଚିତ ହୋଇପାରିବ।

## ଲୋକସଭାରେ ଫାଇନାନ୍ସ ...

ରେଭେନ୍ୟୁ କଲେକ୍ସନ ଅନୁମାନ କରାଯାଇଛି ଓ ୧୪.୦୧ ଲକ୍ଷ କୋଟି ଟଙ୍କାର ସକଳ ଋଣ ନେଇ ଅନୁମାନ କରାଯାଇଛି । କେନ୍ଦ୍ର ପ୍ରାୟୋଜିତ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଣ୍ଟନ କରାଯାଇଛି । ଏଥିରେ ୨୦୨୫ ଏପ୍ରିଲ ୧ରୁ ଆରମ୍ଭ ହେବାକୁ ଥିବା ଆର୍ଥିକ ବର୍ଷ ପାଇଁ ୫,୪୧,୮୫୦.୨୧ କୋଟି ଟଙ୍କା ସ୍ଥିର କରାଯାଇଛି । ଏହା ଚଳିତ ଆର୍ଥିକ ବର୍ଷ ପାଇଁ ଆବଣ୍ଟିତ ୪,୧୫,୩୫୬.୨୫ କୋଟି ତୁଳନାରେ ଉଲ୍ଲେଖନୀୟ ବୃଦ୍ଧି । କେନ୍ଦ୍ରୀୟ ଯୋଜନା ପାଇଁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧୬.୨୯ ଲକ୍ଷ କୋଟି ଟଙ୍କା ଆବଣ୍ଟିତ କରାଯାଇଛି, ଯାହା ୨୦୨୪-୨୫ର ୧୫.୧୩ ଲକ୍ଷ କୋଟି ତୁଳନାରେ ଅଧିକ।

## ଆଇଆରବି ନିଯୁକ୍ତି ...

ହାଇକୋର୍ଟ ସେମାନଙ୍କ ଆବେଦନକୁ ବିଚାରକରି ଇଣ୍ଟରଭ୍ୟୁରେ ସାମିଲ ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କିନ୍ତୁ ବୟସାଧିକ ହେତୁ ମେଧା ତାଲିକାରୁ ବାଦ ପଡ଼ିଥିବା ପ୍ରାର୍ଥୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ବୟସ ଅତିକ୍ରାନ୍ତ କରିଥିବା ପ୍ରାର୍ଥୀମାନଙ୍କ ପାଇଁ ପୂର୍ବରୁ ଯେଉଁ ନିର୍ଦ୍ଦେଶନାମା ଜାରି ହୋଇଥିଲା, ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ତେଣୁ ସେମାନେ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସେମାନଙ୍କ ପାଇଁ ଲାଗୁ କରିବା ନିମନ୍ତେ ଆଦେଶ ଦେବାକୁ ସେମାନେ ପ୍ରାର୍ଥନା କରିଛନ୍ତି।

## ଆଗାମୀ ୫...

ଧୀରେ ବଢିବ । ଏହି ବର୍ଦ୍ଧିତ ତାପମାତ୍ରାକୁ ନେଇ ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଟପିବା ସହ ୨୯ ତାରିଖ ବେଳକୁ ହିଟ ୱେଭ ପାଇଁ ସତର୍କତା ଜାରି କରାଯାଇଛି । ଗୋଟେ କିମ୍ବା ଦୁଇଟି ସ୍ଥାନରେ ୨୯ ତାରିଖ ପାଇଁ ହିଟ ୱେଭ ରହିବ। ସମ୍ବଲପୁର, ସୁବର୍ଣ୍ଣପୁର ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲା ପାଇଁ ୨୯ ତାରିଖରେ ହିଟ ୱେଭ ସତର୍କତା ସୂଚନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଗତ ୨୪ ଘଣ୍ଟାରେ ଉପକୂଳ ଓଡ଼ିଶାର କିଛିକିଛି ସ୍ଥାନରେ ହାଲୁକାରୁ ମାଧ୍ୟମଧରଣର ବର୍ଷା ଦେଖିବାକୁ ମିଳିଛି । ଅପରପକ୍ଷେ ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୬.୮ ଡିଗ୍ରୀ ରେକର୍ଡ କରାଯାଇଛି । ରାଜ୍ୟର ୯ଟି ଜାଗାରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି।

# ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ୫ ରେଳ କର୍ମଚାରୀ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କ୍ୱାଲ ମଙ୍ଗଳବାର ୫ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କର୍ତ୍ତବ୍ୟନିଷ୍ଠା, ସତର୍କତା ଏବଂ ଡ୍ୟୁଟି ସମୟରେ ତ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଥିଲେ ଯାହା ଦ୍ୱାରା ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସମାରୋହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଅସାଧାରଣ ସେବା ପାଇଁ ସମ୍ମାନିତ ହୋଇଥିବା ପାଞ୍ଚ ଜଣ ରେଳ କର୍ମଚାରୀ ହେଉଛନ୍ତି - ଖୋର୍ଦ୍ଧା ରୋଡ୍‌ର ବରିଷ୍ଠ ସହାୟକ ଲୋକୋ ପାଇଲଟ୍ ଚନ୍ଦ୍ରଗୀର କୁମାର ରାଉତ, ଟିଟିଲାଗଡ଼ର ବରିଷ୍ଠ ଗୁଡ଼ସ ଟ୍ରେନ ମ୍ୟାନେଜର ଉପେନ୍ଦ୍ର କୁମାର, ହରିଚନ୍ଦନପୁରର ଟ୍ରାକ୍ ମେଣ୍ଟେନର, ସୁରେଶ ଗାଗାରାଏ, ଗୋରଖନାଥର ମେଣ୍ଟେନର, ସୁଧାଂସୁ ଶେଖର ଦାସ ଏବଂ ମାନବର (କୋରାପୁଟ)ର ଟ୍ରାକ୍ ମେଣ୍ଟେନର-ଶ୍ରୀ କିଲୋ ସୋନୁ । ମହାପ୍ରବନ୍ଧକ ଫୁଙ୍କ୍ୱାଲ ଏହି କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ ଯାହା ରେଳ ନେଟୱାର୍କର ସୁଗମ ଏବଂ ନିରାପଦ କାର୍ଯ୍ୟକାରିତା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାତ୍ରୀ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ସୁନିଶ୍ଚିତ କରିବାରେ ରେଳ କର୍ମଚାରୀଙ୍କ ସମର୍ପଣ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ରେଳ କର୍ମଚାରୀମାନଙ୍କର ପ୍ରତିବଦ୍ଧତାକୁ ସ୍ୱୀକାର କରି, ଶ୍ରୀ ଫୁଙ୍କ୍ୱାଲ ସମସ୍ତ ରେଳ କର୍ମଚାରୀଙ୍କୁ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅନୁରୋଧ କରିଥିଲେ। ରେଳ କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ ରେଳ କର୍ମଚାରୀଙ୍କ ଅଟଳ ପ୍ରୟାସ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଅଛି ।

# ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି, ସି.ୟୁ.ଟି.ଏମ୍.ର ଡିନ୍ ଡ. ପ୍ରଫୁଲ୍ଲ ପଣ୍ଡାଙ୍କୁ ଶ୍ରେଷ୍ଠ ଆଇ.ଆଇ.ଆର.ଏସ୍.-ଡ଼ି.ଏଲ୍.ପି. ସଂଯୋଜକ ପୁରସ୍କାର




**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି, ସି.ୟୁ.ଟି.ଏମ୍., ପାରଳାଖେମୁଣ୍ଡି, ଓଡ଼ିଶାର ଡିନ୍ ଡକ୍ଟର ପ୍ରଫୁଲ୍ଲ କୁମାର ପଣ୍ଡାଙ୍କୁ ଡେରାଡୁନ୍‌ର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରିମୋଟ୍ ସେନ୍ସିଂ (ଇସ୍ରୋ-ଆଇ.ଆଇ.ଆର.ଏସ୍.) ଦ୍ୱାରା ସମ୍ମାନଜନକ ଶ୍ରେଷ୍ଠ ଆଇ.ଆଇ.ଆର.ଏସ୍.-ଡ଼ି.ଏଲ୍.ପି. ସଂଯୋଜକ ପୁରସ୍କାରରେ ସମ୍ମାନିତ କରାଯାଇଛି । ଆଇ.ଆଇ.ଆର.ଏସ୍. ଦୂର ଶିକ୍ଷା କାର୍ଯ୍ୟକ୍ରମ (ଡ଼ି.ଏଲ୍.ପି.)ରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଡକ୍ଟର ପଣ୍ଡା ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ପଦ୍ମଶ୍ରୀ ଡକ୍ଟର ଏ. ଏସ୍. କିରଣ କୁମାରଙ୍କଠାରୁ ଏହି ସମ୍ମାନିତ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସମ୍ମାନଜନକ ପୁରସ୍କାର ଏକ ସୂକ୍ଷ୍ମ ବହୁ-ସ୍ତରୀୟ ଚୟନ ପ୍ରକ୍ରିୟା ପରେ ପ୍ରଦାନ କରାଯାଇଥିଲା। ସ୍ତର ୧: ସାରା ଭାରତରେ ୩,୮୦୦ ନୋଡାଲ୍ କେନ୍ଦ୍ର ମଧ୍ୟରୁ ୨,୦୨୮ ସକ୍ରିୟ ନୋଡାଲ୍ ସଂଯୋଜକଙ୍କୁ ମନୋନୀତ କରାଯାଇଥିଲା। ସ୍ତର ୨: ୨୩୨ ନୋଡାଲ୍ ସଂଯୋଜକଙ୍କ ଏକ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯାଇଥିଲା। ସ୍ତର ୩: ଉପସ୍ଥାପନା ପାଇଁ ୨୨ ସଂଯୋଜକଙ୍କୁ ଚୟନ କରାଯାଇଥିଲା। ସ୍ତର ୪: ୧୦ ଜଣ ସଂଯୋଜକ ଏକ ଗୋଷ୍ଠୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ଏକ ବ୍ୟକ୍ତିଗତ ସାକ୍ଷାତକାର ଦେଇଥିଲେ। ସ୍ତର ୫: ଶ୍ରେଷ୍ଠ ତିନି ଜଣ ସଂଯୋଜକଙ୍କୁ ପୁରସ୍କାର ପାଇଁ ବିବେଚନା କରାଯାଇଥିଲା। ଆଇ.ଆଇ.ଆର.ଏସ୍. ଦୂରଶିକ୍ଷା କାର୍ଯ୍ୟକ୍ରମର ସମନ୍ୱୟ ଏବଂ ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ଭୂସ୍ଥାନୀୟ ପ୍ରୟୋଗ ସହିତ ସମ୍ବନ୍ଧକୁ ପ୍ରୋତ୍ସାହିତ କରିବାରେ ଡକ୍ଟର ପଣ୍ଡାଙ୍କ ଉଲ୍ଲେଖନୀୟ ପ୍ରୟାସ ଏହି ସମ୍ମାନଜନକ ମାନ୍ୟତା ହାସଲ କରିବାରେ ସହାୟକ ହୋଇଛି। ଏଡୁସାଟ୍ କାର୍ଯ୍ୟକ୍ରମକୁ ସଫଳତାର ସହିତ ପରିଚାଳନା କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ସମର୍ଥନ ପ୍ରଦାନ କରିଥିବାରୁ ଡକ୍ଟର ପଣ୍ଡା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟକୁ ନିଜର ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ। ସାମାଜିକ ଲାଭ ପାଇଁ ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ଦୂର ସେନ୍ସିଂ ପ୍ରୟୋଗ ସହିତ ଜଡିତ ହେବାର ସୁଯୋଗ ସୃଷ୍ଟି କରିବା ପାଇଁ ସେ ଇସ୍ରୋ-ଆଇ.ଆଇ.ଆର.ଏସ୍.କୁ ମଧ୍ୟ ତାଙ୍କର ଆନ୍ତରିକ ଧନ୍ୟବାଦ ଜଣାଇଥିଲେ। ବିଶ୍ୱବିଦ୍ୟାଳୟର ମୁଖ୍ୟ ତଥା ପ୍ରେସିଡେଣ୍ଟ, ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଭାଇସ୍ ପ୍ରେସିଡେଣ୍ଟ, ପ୍ରଫେସର ଡି. ଏନ୍. ରାଓ, କୁଳପତି, ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଏବଂ କୁଳ ସଚିବ ପ୍ରଫେସର ଅନିତା ପାତ୍ର ମଧ୍ୟ ଡକ୍ଟର ପଣ୍ଡାଙ୍କୁ ଭୂସ୍ଥାନୀୟ ପ୍ରଯୁକ୍ତିବିଦ୍ୟାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ସମାଜରେ ଏହାର ପ୍ରଭାବଶାଳୀ ଯୋଗଦାନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଉଲ୍ଲେଖନୀୟ ସଫଳତା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଭୌଗୋଳିକ ବିଜ୍ଞାନରେ ଶିକ୍ଷା, ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-PA-ANNAIE-461, ତା.19.03.2025ରିଖ

**କାର୍ଯ୍ୟର ନାମ:** ଏକ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର, ଖୋର୍ଦ୍ଧା ରୋଡ଼, ଖଲିକୋଟ୍, ଛତ୍ରପୁର, ବ୍ରହ୍ମପୁର, ଇଚ୍ଛାପୁରମ୍, ପଲାସା, ତାଳଚେର, ଅନୁଗୁଳ, ଢେଙ୍କାନାଳ, ପାରାଦ୍ୱୀପ, ନିରାକାରପୁର, ସୋମପେଟା, ପୁରୀ, ବାଲୁଗାଁ, ଯାଜପୁର କେନ୍ଦୁଝର ରୋଡ଼, କେନ୍ଦୁଝରଗଡ଼, ଭଦ୍ରକ, ମାଳତୀପାଟପୁର ଏବଂ ସାକ୍ଷୀଗୋପାଳ ଷ୍ଟେସନଗୁଡ଼ିକ ଠାରେ ବିଭିନ୍ନ ଯାତ୍ରି ସୁବିଧା ପ୍ରଣାଳୀ ନିମନ୍ତେ ବ୍ୟାପକ ଅନ୍ ସାଇଟ୍ (On site) ବାର୍ଷିକ ରକ୍ଷଣା ବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,15,64,029.52, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/- (18% GST ଅନ୍ତର୍ଭୁକ୍ତ) ।

ବିଡ୍ ଆରମ୍ଭ ହେବା ତାରିଖ: ତା.27.03.2025ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.04.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-1120/P/24-25

# ଜଳ ସମ୍ପଦ ବିଭାଗରେ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ଓ ଖର୍ଚ୍ଚ ସମୀକ୍ଷା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଳ ସମ୍ପଦ ବିଭାଗରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟସବୁକୁ ତ୍ୱରାନ୍ୱିତ କରିବା ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟକରି ଓ ଖର୍ଚ୍ଚ ବିନିଯୋଗ କରିବା ସମ୍ପର୍କରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରୁ ଉନ୍ନୟନ କମିଶନର ଏବଂ ବିଭିନ୍ନ ଜିଲ୍ଲାରୁ ଯନ୍ତ୍ରୀମାନେ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗଦେଇଥିବା ବେଳେ ଜଳ ସମ୍ପଦ ବିଭାଗରେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଜଳ ସମ୍ପଦ ବିଭାଗରେ କାର୍ଯ୍ୟକାରୀ ହେଉଥିବା, ବୃହତ୍,ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ଉଠାଜଳସେଚନ ପ୍ରକଳ୍ପ, ଜଳ ଭଣ୍ଡାରରେ ଜଳ ସଂରକ୍ଷଣ, ଜଳ ଭଣ୍ଡାରର ରକ୍ଷଣାବେକ୍ଷଣ, ଜଳ ନିଷ୍କାସନ ବ୍ୟବସ୍ଥା ଆଦି କାର୍ଯ୍ୟ ସଂପର୍କରେ ସମୀକ୍ଷା କରାଯାଇଥିଲା । ଶ୍ରୀମତୀ ଗର୍ଗ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀମାନଙ୍କ ସହିତ ବିଭିନ୍ନ କାର୍ଯ୍ୟ ସଂପର୍କରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

